

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 FEBRUARY 2021

Vol.No. 31 ■ No. 43 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଏକାମ୍ରକ୍ଷେତ୍ରର ୨ଟି ମନ୍ଦିର ଉପରୁ ବାଇ ଲ ପ୍ରତ୍ୟାହାର ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଏକାମ୍ରକ୍ଷେତ୍ରର ୨ଟି ମନ୍ଦିର ଉପରୁ ବାଇ ଲ' ପ୍ରତ୍ୟାହାର କରାଯିବାକୁ ନେଇ ବିଜେଡି ସାଂସଦ ମାନେ ଶନିବାର ଦିନ ନୂଆଦିଲ୍ଲୀ ଠାରେ କେନ୍ଦ୍ର ମନ୍ତ୍ରୀ ପ୍ରହଲାଦ ଜୋଶୀଙ୍କୁ ଭେଟିଥିବା ଜଣା ପଡିଛି । ଏହି ସାଂସଦମାନେ ଶ୍ରୀ ଜୋଶୀଙ୍କ ସହ ଆଲୋଚନା ବେଳେ ଏହି ପ୍ରସ୍ତାବିତ ବାଇ ଲ କୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଉଲ୍ଲେଖନୀୟ ଯେ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାମ୍ରକ୍ଷେତ୍ରର ୨ ଟି ମନ୍ଦିର ଉପରୁ ତୁରନ୍ତ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନଏମଏ)ର ଡ୍ରାଫ୍ଟ ବାଇ ଲ' ପ୍ରତ୍ୟାହାର କରିବାକୁ ଦାବି କରିଥିଲେ ।

ଓଡ଼ିଶାରେ ଗାଁରେ ପଡୋଶୀ କଲା ନିର୍ବାଚନ

ସୁପ୍ରିମକୋର୍ଟରେ ମାମଲା, ହେଲେ ନିର୍ବାଚନ ପାଇଁ ଅଟଳ ରହିଲା ଆନ୍ଧ୍ର

କୋଟିଆ,୧୩।୦୨ (ନି.ପ୍ର): କୋଟିଆର ନିର୍ବାଚନ କାହାଣୀ ସତେ ଯେମିତି କଟା ଘା'ରେ ଚୂନ ସଦୃଶ ସାମ୍ନାକୁ ଆସିଛି । ଷଢ଼େଇକଳା ଓ ଖରସୁଆଁର ଦୁଃଖ ମନରୁ ଲିଭି ନଥିବା ବେଳେ ପଡ଼ୋଶୀ ଆନ୍ଧ୍ର, ଓଡ଼ିଶା ମାଟିରେ କରିଛି ପଂଚାୟତ ନିର୍ବାଚନ । ଆନ୍ଧ୍ର ପ୍ରଦେଶ ଯୋଜନାର ବୁଢ଼ିଆଣୀ ଜାଲରେ ଓଡ଼ିଶାର ସୀମାନ୍ତ ଲୋକଙ୍କୁ ଏମିତି ଛନ୍ଦି ଦେଇଛି ଯେ, ସକାଳୁ ସକାଳୁ ଲୋକ ମତଦାନ କେନ୍ଦ୍ରରେ ପହଂଚିଯାଇଛନ୍ତି । କୋରାପୁଟ ଜିଲ୍ଲା କୋଟିଆ ଫାଟୁସିନେରି ପଂଚାୟତରେ ଶହ ଶହ ଓଡ଼ିଶା ଭୋଟର ଆନ୍ଧ୍ର ନିର୍ବାଚନ ପାଇଁ ଭୋଟ୍ ଦେଇଛନ୍ତି । ଓଡ଼ିଶାର ଫାଟୁସିନେରି ଅଂଳଚକୁ ମାଡ଼ି ବସିବା ପାଇଁ କେବଳ ନିର୍ବାଚନ କରିନି ଆନ୍ଧ୍ର ବରଂ ନିର୍ବାଚନକୁ ସଫଳ କରିବା ପାଇଁ ଓଡ଼ିଶା ଲୋକଙ୍କ ଜୀବନକୁ ବାଜି ଲଗାଇବାକୁ ପଛାଇ ନାହିଁ ଆନ୍ଧ୍ର ପ୍ରଶାସନ । ଘାଟି ରାସ୍ତାରେ ଅତି ବିପଦପୂର୍ଣ୍ଣ ଭାବେ ଗାଡିରେ ଭୋଟରଙ୍କୁ ସାମଗ୍ରୀ ଭଳି ବୋହି, ମତଦାନ କେନ୍ଦ୍ରକୁ ନେଇଛି ଆନ୍ଧ୍ର ପ୍ରଶାସନ । ଗୋଟିଏ ଗାଡିରେ ଲୋକ ଠିଆ ହୋଇଯାଉଥିବା ବେଳେ ଆଉ କିଛି ଲୋକ ବିପଦସଂକୁଳ ଭାବେ ଓହଳି ରହିଥିଲେ । କୋରାପୁଟ ଜିଲ୍ଲା କୋଟିଆର ୩ଟି ପଂଚାୟତ ତଳଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରିରେ ନିର୍ବାଚନ କରିଛି ଆନ୍ଧ୍ର । ତଳଗଂଜେଇପଦର ଓ ଫଗୁଣସିନେରିରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ▶▶ପୃଷ୍ଠା ୭

ଲୋକସଭାରେ ପାରିତ ହେଲା ଜମ୍ମୁ-କାଶ୍ମୀର ପୁନର୍ଗଠନ ବିଲ୍

ଉଚିତ୍ ସମୟରେ ଜମ୍ମୁ-କାଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା : ଅମିତ୍ ଶାହା

ନୂଆଦିଲ୍ଲୀ,୧୩।୦୨ (ନି.ପ୍ର): ଜମ୍ମୁ-କଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ଆଜି ଲୋକସଭାରେ ପାରିତ ହୋଇଛି। ବିଲ୍ ପାରିତ ପୂର୍ବରୁ ଜମ୍ମୁ-କଶ୍ମୀର ବିଷୟରେ ଗୃହରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିରୋଧୀ ମଧ୍ୟ ଅନେକ ପ୍ରଶ୍ନ ଉଠାଇଥିଲେ। ଧାରା ୩୭୦ହଟାଇବା ପରେ ରାଜ୍ୟର ଅବସ୍ଥା ଉପରେ ପ୍ରଶ୍ନ କରାଯିବା ସହ ଧାରା ୩୭୦ହଟାଇବା ପରେ ସେଠାରେ କ'ଣ ପରିବର୍ତ୍ତନ ଆସିଛି, ସେ ନେଇ ପ୍ରଶ୍ନ କରିଥିଲେ ବିରୋଧୀ । ଏହା ପରେ ବିରୋଧୀ ଦଳ ଉଠାଇଥିବା ସମସ୍ତ ପ୍ରଶ୍ନର ଉତ୍ତର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିସ୍ତୃତ ▶▶ପୃଷ୍ଠା ୭

କେରଳର କୋଚି ରିଫାଇନାରୀର ପିଡ଼ିପିପି ପ୍ଲାଂଟ୍ ପରିଦର୍ଶନ କଲେ ଧର୍ମେନ୍ଦ୍ର ପ୍ରଧାନ

କେରଳ/ଭୁବନେଶ୍ୱର ,୧୩।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେରଳ ଗସ୍ତର ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦୁଇଦିନିଆ କେରଳ ଗସ୍ତ କରି ସେଠାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ଘାଟନ ଓ ଶିଳାନ୍ୟାସ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ କରକମଳରେ ରବିବାର ଉଦ୍‌ଘାଟନ ହେବାକୁ ଥିବା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍(ବିପିସିଏଲ୍) କୋଚି ରିଫାଇନାରୀର ପ୍ରୋପିଲିନ୍ ଡେରିଭେଟିଭ୍ ପେଟ୍ରୋକେମିକାଲ ପ୍ରୋଜେକ୍ଟ (ପିଡ଼ିପିପି) ପ୍ଲାଂଟ ପରିଦର୍ଶନ କରିଛନ୍ତି ଶ୍ରୀ ପ୍ରଧାନ। ୬ ହଜାର କୋଟି ଟଙ୍କା ବ୍ୟୟର ଏହି ପ୍ରକଳ୍ପ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବା ସହ କେରଳରେ ଡାଉନଷ୍ଟ୍ରିମ ପେଟ୍ରୋକେମିକାଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ମେକ୍ ଇନ୍ ଇଣ୍ଡିଆକୁ ମଜବୁତ୍ କରିବା ପରିପ୍ରେକ୍ଷୀରେ ପିଡ଼ିପିପି ପ୍ଲାଂଟ୍ ଉତ୍କୃଷ୍ଟ ମାନର ପେଟ୍ରୋକେମିକାଲ୍ସ ଉତ୍ପାଦନ କରିବ। ▶▶ପୃଷ୍ଠା ୭

ପୁଷ୍ପଲତାଙ୍କ ମୁଣ୍ଡ ବିହୀନ ଶବ ମିଳିବା ଘଟଣା

ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କରାଇଲା ପୋଲିସ୍

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଭୁବନେଶ୍ୱରରୁ ମୁଣ୍ଡବିହୀନ ମୃତଦେହ ମିଳିବା ମାମଲାରେ କମିଶନରେଟ୍ ପୋଲିସ୍ ୨ ଅଭିଯୁକ୍ତ ସଞ୍ଜୟ ଓ ଚନ୍ଦୁଙ୍କୁ ନେଇ ସିନ୍ ରିକ୍ରିଏଟ ଆରମ୍ଭ କରିଛି। ପୁଷ୍ପଲତା ରାଉଳଙ୍କୁ ହତ୍ୟା କରାଯାଇଥିବା ପାତ୍ରପଡ଼ାର ଫୁଲେଶ୍ୱର ବସ୍ତିକୁ ଯାଇ ସିନ୍ ରିକ୍ରିଏଟ କରାଯାଇଛି। ମହିଳାଙ୍କୁ କିଭଳି ହତ୍ୟା କରାଗଲା ଏବଂ ସେଠାରୁ ମୃତଦେହକୁ କିପରି ନିଆଗଲା ଅଭିଯୁକ୍ତମାନେ ରିକ୍ରିଏଟ୍ କରି ଦେଖାଇଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୪ ତାରିଖରେ ଭରତପୁର-ଚନ୍ଦକା ରାସ୍ତାର ଦାସପୁର ପାଖରେ ଜଣେ ଅଚିହ୍ନା ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ପଡ଼ିଥିଲା। ତଦନ୍ତ ପରେ ମୃତ ମହିଳା ଜଣକ ହେଲେ ପୁଷ୍ପଲତା ରାଉଳ(୨୮) , ଘର ଭୁବନେଶ୍ୱର ଧିରିକୁଟି ବସ୍ତିରେ। ବିବାହକୁ ନେଇ ବିବାଦ ପରେ ଅଭିଯୁକ୍ତ ସଂଜୟ ପୁଷ୍ପଲତାଙ୍କ ଟଂଟିଟିପି ହତ୍ୟା କରିଥିବା, ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ସାଙ୍ଗ ଚନ୍ଦୁ ଓରଫ୍ ଶ୍ରୀକାନ୍ତ ଦାସ ସହଯୋଗ କରିଥିଲା ବୋଲି ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଗତକାଲି ପୋଲିସ୍ ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଇଥିଲା। ବର୍ତମାନ ଉଭୟ ଅଭିଯୁକ୍ତ ପୋଲିସ୍ ରିମାଣ୍ଡରେ ଅଛନ୍ତି।

ଅନୁଭବ-ଅପରାଜିତାଙ୍କ ମଧ୍ୟରେ ଟ୍ୱିଟ ଯୁଦ୍ଧ

ବ୍ୟକ୍ତିଗତ ଅନୁରୋଧ ସତ୍ତ୍ୱେ ମନ୍ତ୍ରୀଙ୍କୁ ଭେଟିବାକୁ ଗଲେ ନାହିଁ ଅପରାଜିତା : ଅନୁଭବ

ଉପଯୁକ୍ତ ସମୟରେ ମତ ରଖିବି, ଦୟାକରି ଅପେକ୍ଷା କରନ୍ତୁ : ଅପରାଜିତା

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଏକାମ୍ର କ୍ଷେତ୍ରର ଦୁଇଟି ମନ୍ଦିର ପାଇଁ ଏନଏମଏ ପକ୍ଷରୁ ଜାରୀ ଡ୍ରାଫ୍ଟ ବାଇ ଲ ପ୍ରତ୍ୟାହାର କରିବାକୁ ଦାବି କରି ବିଜେଡି ସାଂସଦ ମାନଙ୍କର ପ୍ରତିନିଧି ଦଳ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଜୋଶୀଙ୍କୁ ଭେଟିବା ପରେ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି କରି ଥିବା ଟ୍ୱିଟକୁ ନେଇ ଭୁବନେଶ୍ୱରର ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ଉତର ଦେଇଛନ୍ତି। ବିଜେଡି ସାଂସଦମାନେ କେନ୍ଦ୍ର ସଂସଦୀୟବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀଙ୍କୁ ଭେଟି ଏକାମ୍ର କ୍ଷେତ୍ର ପାଇଁ ପ୍ରସ୍ତାବିତ ବାଇ ଲ' ପ୍ରତ୍ୟାହାର କରିବା ପାଇଁ ଦାବି କରିବା ପରେ ଏକ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଟ୍ୱିଟ କରିଥିଲେ । ସେ ଲେଖିଥିଲେ ଯେ ବ୍ୟକ୍ତିଗତ ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଆମ ସହିତ ମନ୍ତ୍ରୀ ପ୍ରହଲାଦ ଯୋଶୀଙ୍କୁ ଭେଟିବା ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ସିଧା ସିଧା ମନା କରିଦେଇଥିଲେ। ଓଡିଶାର ସମ୍ମାନ ଏବଂ ଆଧ୍ୟାତ୍ମିକ ଭାବନା ସମ୍ବନ୍ଧୀୟ ଏକ ଅଣ-ରାଜନୈତିକ ପ୍ରସଙ୍ଗରେ ଓଡ଼ିଶା ବିଜେପିର ଅସହଯୋଗ ଦୁଃଖଦାୟକ ବୋଲି କହିଥିଲେ ଅନୁଭବ। ଏହାର ଉତର ଦେଇଥିଲେ ଅପରାଜିତା । ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଟୁଇଟ କରି କହିଥିଲେ ଯେ, ବିନା କାରଣରେ କିଛି ହୁଏ ନାହିଁ। ମୁଁ ଉପଯୁକ୍ତ ସମୟରେ ମତ ରଖିବି । ଦୟାକରି ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ।

ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ପାଇଁ ପିସିସି ସଭାପତିଙ୍କ ଆହ୍ୱାନ

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଆସନ୍ତା ୧୫ ତାରିଖ ସୋମବାର ପ୍ରାତଃ ୭ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ ସାରା ରାଜ୍ୟରେ ବନ୍ଦ ଡାକରା ଦେଇଛି। ଏଥିପାଇଁ ରାଜ୍ୟବାସୀଙ୍କର ସମର୍ଥନ କାମନା କରିଛନ୍ତି ପିସିସି ସଭାପତି ନିରଂଜନ ପଟ୍ଟନାୟକ। ଏଥିସହ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ କର୍ମକର୍ତାଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ବନ୍ଦ ସମୟରେ ହସ୍‌ପିଟାଲ, ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫ, ଦମକଳ, ଆମ୍ବୁଲାନ୍ସ, ଦୁଗ୍ଧ ଗାଡ଼ି, ବର ଗାଡ଼ି ଏବଂ ସ୍ୱର୍ଗରଥ ଗାଡ଼ିକୁ ନ ଅଟେକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଅଣବିଷୋଧିତ ତୈଳଦର ଅନ୍ତଦେର୍ଶୀୟ ବଜାରରେ ବହୁମାତ୍ରରେ କମିଥିଲା ବେଳେ କାହିଁକି ଆଜି ପେଟ୍ରୋଲ ଓ ଡିଜେଲ ଦର ୮୯.୩୭ ଟଙ୍କା ଏବଂ ୮୭ଟଙ୍କା ପଂହଚିଛି। ରୋଷେଇ ଗ୍ୟାସ ଉପା ସରକାର ସମୟରେ ୪୧୪ ଟଙ୍କାରେ ମିଳୁଥିଲା ବେଳେ ଆଜି ଏହା ୭୫୦ ଟଙ୍କାରେ ମିଳୁଛି।ଉଭୟ ସରକାର ଗରୀବ ଖଟିଖିଆ, ମଦଜୁର, ଚାଷୀ, ନିମ୍ନମଧ୍ୟବିତ ଏବଂ ମଧ୍ୟବିତ ଜନତାଙ୍କର ବିରୋଧି। ସେହିପରି ରାଜ୍ୟରେ ନାରୀ ନିର୍ଯ୍ୟାତନା, ରାଜନୈତିକ ହିଂସା, ଶିଶୁ ନିଖୋଜ ଏକ ଉତ୍କଟ ରୂପ ଧାରଣ କରିଛି। କିନ୍ତୁ ରାଜ୍ୟ ସରକାର ନିଦା ବିଷ୍ଣୁ। ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୫ଟି ମୁଣ୍ଡ ଆଜି ଗଡ଼ିଗଲାଣି କେବଳ ଏହି ରାଜନୈତିକ ହିଂସାରେ। ଚାଷୀ ଆନ୍ଦୋଳନ ଆଜି ସାରା ଭାରତ ବର୍ଷରେ ମୁଣ୍ଡ ଟେକି ଛିଆ ହୋଇଛି ସେତିକି ବେଳେ ଅତି ରାଜ୍ୟର କୃଷକମାନଙ୍କୁ ଅତି କ୍ରୁର ଉପହାସ କରି ମାତ୍ର ଦୁଇ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ▶▶ପୃଷ୍ଠା ୭

ଆନ୍ଧ୍ରର ନିର୍ବାଚନ ବନ୍ଦ କରିବାରେ ସରକାର, ଗୁଇନ୍ଦା ବିଭାଗ ବିଫଳ : ବିଜେପି

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଗଭୀର ଭାବଗତ ସମ୍ପର୍କ ସତ୍ତ୍ୱେ ବାଧ୍ୟବାଧକତାରେ ଓଡିଆ ଲୋକେ ଆନ୍ଧ୍ର ମୁହାଁ ହୋଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ୨୦୦୬ ମସିହାରେ ସୁପ୍ରିମକୋର୍ଟ କୋଟିଆ ଉପରେ ସ୍ଥିତାବସ୍ଥା ରକ୍ଷା କରିବା ପାଇଁ ଆଦେଶ ଦେଲେ । କିନ୍ତୁ ଆନ୍ଧ୍ରପ୍ରଦେଶ ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ଅବମାନନା କରି ବିଗତ କିଛି ବର୍ଷ ଧରି ମନୋନୟନ ପ୍ରକ୍ରିୟାରେ ନିର୍ବାଚନ କରୁଥିବାବେଳେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ କରୁଛନ୍ତି । ବିଳମ୍ବରେ ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇ ଅବୈଧ ନିର୍ବାଚନ ପ୍ରକ୍ରିୟାକୁ ବନ୍ଦ କରିପାରିଲେ ନାହିଁ । ଓଡିଶା ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଗୁଇନ୍ଦା ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ▶▶ପୃଷ୍ଠା ୭

ଫେବୃଆରୀ ୧୭ରେ ବର୍ଷା ସମ୍ଭାବନା : ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର ,୧୩।୦୨ (ନି.ପ୍ର): ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଶୀତ ଉଭାନ୍ ହୋଇଯାଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ଆସନ୍ତା ଫେବୃଆରୀ ୧୭ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଘଟି କିଛି ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୭ ତାରିଖ ସକାଳଠାରୁ ୧୮ ତାରିଖ ସକାଳ ମଧ୍ୟରେ ରାଜ୍ୟର ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ଓ ବଜ୍ରପାତର ସମ୍ଭାବନା ରହିଛି। ଏଥିପାଇଁ ସମ୍ପୃକ୍ତ ଜିଲ୍ଲାଗୁ ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ଗଜପତି , ଗଂଜାମ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଛାତ୍ର କଂଗ୍ରେସ-ପୋଲିସ୍ ଧସ୍ତାଧସ୍ତି, ଶତାଧିକ କର୍ମୀ ଅଟକ

ମାହାଙ୍ଗା ରାଜନୈତିକ ହତ୍ୟା ମାମଲାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଘେରାଉ ଉଦ୍ୟମ

ଭୁବନେଶ୍ୱର ,୧୩।୦୨ (ନି.ପ୍ର): ମାହାଙ୍ଗାରେ ରାଜନୈତିକ ହତ୍ୟାକାଣ୍ଡ ଅଭିଯୋଗ ପ୍ରସଙ୍ଗରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଂପୃକ୍ତି ଅଭିଯୋଗ କରି ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ଦିନ ମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ କରାଯାଇଛି। ଶତାଧିକ କର୍ମୀ କଂଗ୍ରେସ ଭବନ ଠାରୁ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ଘର ଆଡକୁ ଅଗ୍ରସର ହେଉଥିବା ବେଳେ ରାଜମହଲ ଛକରେ ରାଲିକୁ ପୋଲିସ୍ ଅଟକାଇଥିଲା । ଫଳରେ ପୋଲିସ୍ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଛାତ୍ର କଂଗ୍ରେସ ସଭାପତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀଙ୍କୁ ପୋଲିସ୍ ଗିରଫ କରିଥିଲା। ଶନିବାର ଦିନ ମାହାଙ୍ଗା ଟ୍ରିପଲ୍ ମର୍ଡର ଘଟଣାରେ ପ୍ରକୃତ ମୁଖ୍ୟ ଆସାମୀ ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଓ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନଓ୍ୱାଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିବା ପାଇଁ ଏକ ବିଶାଳ ରାଲି କଂଗ୍ରେସ ଭବନରୁ ବାହାରି ମନ୍ତ୍ରୀଙ୍କ ବାସଭବନ ଆଡେ ଅଗ୍ରସର ହେଉଥିବା ବେଳେ ପୋଲିସ ପକ୍ଷରୁ

ପଶ୍ଚିମ ଓଡିଶାର ୫ଟି ସଂସଦୀୟ କ୍ଷେତ୍ର, ୩୭ଟି ନିର୍ବାଚନ ମଣ୍ଡଳୀରେ ବିଜେପିର ରାସ୍ତାରୋକ

ସମ୍ବଲପୁର/ଭୁବନେଶ୍ୱର,୧୩।୦୨ (ନି.ପ୍ର): ଧାନମଣ୍ଡିରେ ଭିତିଭୂମିର ବ୍ୟବସ୍ଥା କରିବା, ମଣ୍ଡି ଗୁଡିକରେ ଚଟାଣ, ପାନୀୟ ଜଳ, ପାଲ, ମାପ ଓଜନ, ବିଜୁଳୀ ଆଦି ସୁବିଧା ପହଂଚାଇବା, କେନ୍ଦ୍ର ସରକାର ଦେଉଥିବା ଧାନ ଅଖା, ସୁତୁଳି, ଶ୍ରମିକ ଖର୍ଚ୍ଚ, ଯାତାୟତ ଖର୍ଚ୍ଚକୁ ଚାଷୀଙ୍କ ପାଖରେ ପହଂଚାଇବା, ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରି କେଉଁ ଜିଲ୍ଲାରୁ କେତେ ଧାନ କିଣାଯାଉଛି ତାହା ଜିଲ୍ଲା ଡିଏଲପିସି ମାଧ୍ୟମରେ ଲକ୍ଷ୍ୟ ଧାର୍ଯ୍ୟ କରିବା, ନିର୍ଦ୍ଧାରିତ ଅଣଜଳସେଚିତ ଜମିରୁ ୧୩ କ୍ୱିଂଟାଲ ଓ ଜଳସେଚିତ ଜମିରୁ ୧୯ କ୍ୱିଂଟାଲ ଧାର୍ଯ୍ୟ ସୀମାକୁ ବନ୍ଦ କରି ଚାଷୀର ସମସ୍ତ ଉତ୍ପାଦିତ ଧାନକୁ କିଣିବା, ମଣ୍ଡିରେ ପଡିଥିବା ଧାନକୁ ଉଠାଇବା, କଟନୀ ଛଟନୀ ବନ୍ଦ କରିବା, କୃଷକ ସମ୍ମାନ ନିଧି ପାଇବା ପାଇଁ କେନ୍ଦ୍ରକୁ ସମସ୍ତ ଚାଷୀଙ୍କ ତାଲିକା ପଠାଇବା ଆଦି ଦାବି ନେଇ ଆଜି ପଶ୍ଚିମ ଓଡିଶାର ୫ଟି ସଂସଦୀୟ କ୍ଷେତ୍ର ଯଥା ବଲାଙ୍ଗୀର, ବରଗଡ, କଳାହାଣ୍ଡି, ସୁନ୍ଦରଗଡ, ସମ୍ବଲପୁର ଏବଂ ୩୭ଟି ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ଚାଷୀ ଓ ବିଜେପି କାର୍ଯ୍ୟକର୍ତା ମାନେ ଶାନ୍ତିପୂର୍ଣ୍ଣ

ଶ୍ରୀଶ୍ରୀ ଆଖଣ୍ଡଳମଣୀଙ୍କ ଜାଗର୍ ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭଦ୍ରକ,୧୩।୨ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଆରଡ଼ିରେ ଶ୍ରୀଶ୍ରୀ ବାବା ଆଖଣ୍ଡଳମଣୀଙ୍କ ମହାଶିବରାତ୍ରୀ ବା ଜାଗର ଉତ୍ସବ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ଡ.ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଜାଗର ଉତ୍ସବ ଆସନ୍ତା ମାର୍ଚ୍ଚ ମାସ୧୧ତାରିଖରେ ପାଳନ କରାଯିବ। ମାର୍ଚ୍ଚ ମାସରେ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍ ଆସିବାପରେ, ସେହି ନିୟମାନୁସାରେ ଜାଗର ମହୋତ୍ସବ ପାଳନ କରାଯିବ ଏବଂ ଏଥିପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ଡ.ଜ୍ଞାନ ଦାସ ତାଙ୍କର ବକ୍ତବ୍ୟରେ କହିଥିଲେ। ଜାଗରଯାତ୍ରା ଅବସରରେ ଶ୍ରୀଶ୍ରୀ ଆଖଣ୍ଡଳମଣୀମହାପ୍ରଭୁଙ୍କର ନୀତିନିର୍ଘଣ୍ଟ ଅନୁଯାୟୀ ପ୍ରାତଃ ୪ଘଣ୍ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ କନିକା ରାଜାଙ୍କ ତରଫରୁ ପହିଲି ଘର୍ଷଣର ଭୋଗ, ପ୍ରାତଃ ୫.୪୫ମିନିଟ୍‌ରେ ପହିଲି ଭୋଗ ପରେ ସର୍ବସାଧାରଣ ଦିଅଁ ଦର୍ଶନ ଅନୁଷ୍ଠିତ ହୋଇ୧ମ ଓ୨ୟଏବଂ ୩ୟ ପ୍ରହର ଉପଚାର ପୂଜା ସହ ରାତ୍ର ୧୧.୩୦ ମିନିଟ୍ ଚତୁର୍ଥ ପ୍ରହର ପୂଜା ସହିତ ସର୍ବସାଧାରଣଙ୍କ ଦିଅ ଦର୍ଶନ ଏବଂ ଘର୍ଷଣ ଭୋଗପରେ ବିଭିନ୍ନ ସମୟରେ ବିଭିନ୍ନ ପୂଜାଉପଚାର ଅନୁଷ୍ଠିତ ହେବ। ରାତ୍ରୀ ୧୨.୩୦ରୁ ରାତ୍ର ୧.୩୦ ମିନିଟି ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସୁନାବେଶ ସମ୍ପୂର୍ଣ୍ଣ ଏବଂ ମହାଦୀପ ପ୍ରସ୍ତୁତି। ରାତ୍ର୧.୩୦ମିନିଟ୍‌ରୁ ୩.୧୫ମିନିଟ୍‌ରେ ସର୍ବସାଧାରଣଙ୍କ ସୁନାବେଶଦର୍ଶନ। ରାତ୍ର ୩.୧୫ରୁ ରାତ୍ର ୪.୧୫ ମିନିଟ୍ ମଧ୍ୟରେ ମହାଦୀପ ପୂଜା ସହ ରାତ୍ର ୪.୧୫ଘଟିକାରୁ ୪.୩୦ ମଧ୍ୟରେ ମହାଦୀପ ଗମ୍ଭୀରାରୁ ଆନୟନ ଓ ଶ୍ରୀଜୀଉଙ୍କ ପହଡ। ରାତ୍ର ୪.୩୦ଘଟିକାରୁ ରାତ୍ର ୫ଘଟିକା ମଧ୍ୟରେ ମହାଦୀପ କୀର୍ତ୍ତନ ସହ ବେଢା ପରିକ୍ରମା ପରେ ମନ୍ଦିର ଚୁଡାରେ ସ୍ଥାପନ ହେବ। ଜାଗରଯାତ୍ରା ଅବସରରେ ଭକ୍ତଙ୍କ ସମାଗମ ହେତୁ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ର ସଭାପତି ତଥା ଉପଜିଲ୍ଲାପାଳ ପୀତାମ୍ବର ସାମଲ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯତିନ୍ ପଣ୍ଡା କହିଥିଲେ ଜାଗର ଉତ୍ସବ କିପରି ଶାନ୍ତିଶୃଙ୍ଖଳା ପାଇଁ ଅଧିକ ଆବଶ୍ୟକ ପୋଲିସ୍ ଫୋର୍ସ ବ୍ୟବସ୍ଥା କରାଯିବ ସହିତ ପକେଟ୍ ମାର ଓ ଛନ୍‌ତାଇ ଭଳି ଅସମାଜିକ ବ୍ୟକ୍ତିଙ୍କ ଉପରେ ସାଧାପୋଷାକରେ ପୋଲିସ ମୁତୟନ କରଯିବ ଏବଂ ଅଧିକ ଭୀଡ ଲକ୍ଷ୍ୟକରି ଟ୍ରାଫିକ୍ ବ୍ୟବସ୍ଥା ଉପରେସଜାଗ ଦୃଷ୍ଟି ଯିବ। ଏହି ଉତ୍ସବ ରାତ୍ରୀ କାଳିନ ହେତୁ ସେହି ସମୟରେ ବିଦ୍ୟୁତ୍‌କାଟ ନକରିବା , ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ରାସ୍ତାଘାଟ ମରାମତି, ଗମନାଗମର ସୁବିଧା ପାଇଁ ପାନୀୟ ଜଳପାଇଁ ଟ୍ୟାଙ୍କର ବ୍ୟବସ୍ଥା ସହିତ ପରିମଣ ସଫାସୂତୁରା ଓ ସ୍ୱାସ୍ଥ୍ୟସେବ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ସହ ଆମ୍ବୁଲାନ୍ସ ଓ ଡ଼ାକ୍ତର ବ୍ୟବସ୍ଥା, ଯାତ୍ରା ପୂର୍ବରୁ ମାଦକ ଦ୍ରବ୍ୟ ବନ୍ଦ କରିବା, ସୂଚନାକେନ୍ଦ୍ର ଓ କଂଟ୍ରୋଲ ରୁମ୍ ଖୋଲିବା ଉପରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାର୍ଚ୍ଚ ମାସରେ କୋଭିଡ୍ ଗାଇଡ୍ ଲାଇନ୍ ଆସିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜାଗରଯାତ୍ରା ଦିନ ସମୟରେ ଫେରିଘାଟ ଖୋଲା ରହିବ ଏବଂ ଭକ୍ତମାନଙ୍କର ସୁରକ୍ଷାପାଇଁ ସନ୍ଧ୍ୟା ୬ଘଟିକା ପରେ ଡ଼ଙ୍ଗା ଚଳାଚଳ ବନ୍ଦ ରଖିବା ସହିତ ଯାତ୍ରୀବାହୀ ଗାଡି ଏବଂ ଡଙ୍ଗା ଗୁଡ଼ିକରେ ଅତ୍ୟଧିକ ଯାତ୍ରୀ ପରିବହନ ଉପରେ କଟକଣା ଜାରି କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲାପରିଷଦର ସଭାପତି ଦ୍ୱିଜବର ରାଉତ, ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ, ସେବାୟତ ପ୍ରତିନିଧି ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବସ୍‌ସିଣ୍ଡିକେଟ୍‌ର ସଭାପତି, ସାମ୍ବାଦିକ, ଟ୍ରଷ୍ଟବୋର୍ଡ଼ କର୍ମକର୍ତ୍ତା, ବରିଷ୍ଠ ସେବାୟତମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମନ୍ଦିରର ଟ୍ରଷ୍ଟ ବୋର୍ଡ଼ର ସଭାପତି ତଥା ଉପଜିଲ୍ଲାପାଳ ପୀତାମ୍ବର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପବ୍ଲିକ ଆକାଉଂଟସ କମିଟି ବୈଠକ: ଶିକ୍ଷା, ଗ୍ରାମ୍ୟ ଉନ୍ନୟନ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୩।୨ (ନି.ପ୍ର): ବିଧାନସଭା ପବ୍ଲିକ୍ ଆକାଉଂଟସ କମିଟି ବୈଠକ ଆଜି ବିଧାନସଭା ପ୍ରକୋଷ ୫୪ରେ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧକ୍ଷ ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ଜରୁରୀ କାରଣ ଯୋଗୁଁ ଅନୁପସ୍ଥିତ ହେତୁ ତାଙ୍କର ଅନୁମୋଦନ କ୍ରମେ ଭାରତୀୟ ଜାତୀୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥବରେ ଜଙ୍ଗଲ ଓ ପରିବେଶ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସମ୍ପର୍କିତ ବକେୟା ଥିବା ଏ.ଜି. ଅଡ଼ିଟ୍ ରିପୋର୍ଟ ଉପରେ ଆଲୋଚନା ହୋଇଥିଲା । ଜଙ୍ଗଲ ଓ ପରିବେଶ ବିଭାଗର ଖାଲିଥିବା ପଦବୀ ଗୁଡ଼ିକର ତୁରନ୍ତ ପୂରଣ କରିବା ପାଇଁ ଅଧ୍ୟକ୍ଷ ନରସିଂହ ମିଶ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ସମସ୍ତେ ଯେପରି ଶୁଦ୍ଧ ପାନୀୟ ଜଳ ପାଇପାରିବେ, ସେ ଦିଗରେ ମଧ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏବଂ ଆବଂଟିତ ଅର୍ଥର ସୁବିନିଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶିକ୍ଷା, କୌଶଳ ବିକାଶ, ଗ୍ରାମ୍ୟ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ବୈଠକରେ ସୂଚନା ଦିଆଯାଇଥିଲା । ତେବେ ସରକାରଙ୍କ ତରଫରୁ ଆବଂଟିତ ଅର୍ଥ ଏବଂ ଉପଲବ୍ଧକ୍ଷ ସୁବିଧାର ପୂର୍ଣ୍ଣ ଉପଯୋଗ କରିବା ପାଇଁ ଅଧକ୍ଷ ମିଶ୍ର ପରାମର୍ଶ ଦେଇଥିଲେ । ଉକ୍ତ କମିଟି ବୈଠକରେ ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅନନ୍ତ ନାରାୟଣ ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚବ ମୋନା ଶର୍ମା, ପି.ସି.ସି.ଏଫ୍ ଶଶି ପଲ, ପରିବେଶ ବିଭାଗ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ଦାଶରଥି ଶତପଥି ପ୍ରମୁଖ ଯୋଗ ଦେଇଥିଲେ ।

ପୋଷ୍ଟ ମାଷ୍ଟର ପୀତବାସ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଭୁବନ,୧୩।୨ (ନି.ପ୍ର): ଭୁବନ ଉପ ଡାକଘର ପୋଷ୍ଟ ମାଷ୍ଟର ପିତବାସ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ନୀଳକଣ୍ଠପୁର ଫାର୍ମ ଠାରେ ଇନଚାର୍ଜ ବିପିନ ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପିଏ ପ୍ରକାଶ ବେହେରା ଙ୍କ ସମେତ ସମସ୍ତ ଜିଡିଏସ ଏବଂ ଏବିପିଏମ ଗ୍ରୁପ ର ସଦସ୍ୟ ମାନେ ଯୋଗଦେଇ ଶ୍ରୀଯୁକ୍ତ ସାହୁଙ୍କ ନିଷ୍ଠା,ଏକାଗ୍ରତା,ଶୃଙ୍ଖଳା,ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ଇତ୍ୟାଦି କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିବା ସହ ଦୀର୍ଘ ନିରାମୟ ତଥା ସୁସ୍ଥ ଜୀବନ କାମନା କରିଥଲେ । ଶେଷରେ ଅବସର ଗ୍ରହଣ କରୁଥିବା ଶ୍ରୀଯୁକ୍ତ ସାହୁଙ୍କୁ ପୁଷ୍ପଗୁଚ୍ଛ,ଉତରୀୟ ଦେବା ସହିତ ଉପହାର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଶ୍ରୀ ସାହୁ ୧୯୮୩ ମସିହା ଡିସେମ୍ବର ମାସରେ ଭୁବନ ଉପଡାକଘର ଅଧିନରେ ପୋଷ୍ଟ ପିଅନ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ।

୫ଟି ଜିଲ୍ଲାର ସମସ୍ତ ପୌରାଞ୍ଚଳର କାର୍ଯ୍ୟସମୀକ୍ଷା

■ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଉପରେ ଗୁରୁତ୍ୱ

■ ସ୍ୱଚ୍ଛ ସହର ପ୍ରତିଯୋଗିତା ଲାଗି ଯୋଗ୍ୟହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର ,୧୩।୨ (ନି.ପ୍ର): ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରାଜ୍ୟର ପୌରାଞ୍ଚଳଗୁଡିକରେ ହେଉଥିବା ବିକାଶ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଲାଗି ତଦାରଖ ଓ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ୫-ଟି ଆଧାରରେ କାର୍ଯ୍ୟ ସମ୍ପାଦନ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆଜି ଲୋକସେବାଭବନର ନୂତନ ସମ୍ମିଳନୀ କକ୍ଷରେ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ ୫ ଟି ଜିଲ୍ଲା , ପୁରୀ , ଖୋର୍ଦ୍ଧା , ନୟାଗଡ , ସୋନପୁର ଓ ବୌଦ୍ଧ ଜିଲ୍ଲାର ସମସ୍ତ ପୌରସଂସ୍ଥାର ସମୀକ୍ଷା ଅସରରେ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ସମୀକ୍ଷା କାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ସହର ପୁରସ୍କାର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରମୁଖ ସଚିବ ଶ୍ରୀ ମାଥିଭାଥନନ ସମସ୍ତ ପୌରାଞ୍ଚଳ ଯେଭଳି ଏହି ସମ୍ମାନଜନକ ପୁରସ୍କାର ପ୍ରତିଯୋଗୀତାରେ ଅଂଶଗ୍ରହଣ ଲାଗି ଯୋଗ୍ୟ ବିବେଚିତ ହୋଇପାରିବେ ସେହି ଅନୁଯାୟୀ କାର୍ଯ୍ୟକରିବାକୁ ପରାମର୍ଶ ଦେଇଛନ୍ତି । 'ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା' ଗଠନ ଲାଗି ମିଶନ ମୋଡ୍‌ରେ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ ସହରାଂଚଳରେ ସ୍ୱଚ୍ଛତା ଲାଗି ଚଳିତ ବର୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ସହର ପୁରସ୍କାର ଯୋଜନା କାର୍ଯ୍ୟକାରୀ ହେଉଛି । ଏତଦ୍‌ବ୍ୟତିତ ନିର୍ମାଣ ବର୍ଜ୍ୟ ପରିଚାଳନା , ମାଇକ୍ରୋ କମ୍ପୋଷ୍ଟିଙ୍ଗ କ୍ଷେତ୍ରକୁ କାର୍ଯ୍ୟକାରୀ କରାଯିବା, ସାମଗ୍ରି ଅସୁଲି ସୁବିଧା ଉପଲବ୍ଧ କରାଯିବା , ପାନୀୟ ଜଳ ଯୋଗାଣ, ସ୍ମାର୍ଟ ଷ୍ଟ୍ରିଟ୍ ଲାଇଟ୍ ଏବଂ ଜୀବିକା ମିଶନ ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଛି । କାର୍ଯ୍ୟକାରୀ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ , ସୁପରିଚାଳନା ଓ ଧାର୍ଯ୍ୟ ଲକ୍ଷ ହାସଲ କରିବା ଦିଗରେ ବିହିତ ପ୍ରଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରାଯାଇ ପୌରପରିଷଦ ଗୁଡ଼ିକ ନିଜର ରାଜସ୍ୱ ବୃଦ୍ଧି ପାଇଁ ଉଦ୍ୟମ କରିବା ସାଙ୍ଗକୁ ପ୍ରଦତ ଅର୍ଥର ବିନିଯୋଗ ଓ ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଅତିରିକ୍ତ ସଚିବ କଲ୍ୟାଣ କୁମାର ରଥ, ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ର ଏବଂ ଉପଶାସନ ସଚିବ ତଥା ସୁଡ଼ାର ଅତିରିକ୍ତ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ସହରାଂଚଳରେ କାର୍ଯ୍ୟକାରୀ ହୋଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ସଂପୃକ୍ତ ୫ ଟି ଜିଲ୍ଲାର ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବି.ଏମ୍.ସି କମିଶନର , କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ପଦାଧିକାରୀମାନେ ଯୋଗ ଦେଇଥିଲେ ।

କେନ୍ଦୁଝରଠାରେ ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ ସଂପର୍କିତ କର୍ମଶାଳା

କେନ୍ଦୁଝର,୧୩।୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ ସଂପର୍କିତ କର୍ମଶାଳା ୧୨ ତାରିଖ ଶୁକ୍ରବାର ଦିନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଏସ୍‌ଭି ନିର୍ତାର ଅଲଟ୍‌ପୁରର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାଶ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ବାରିକ, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଶେଷଜ୍ଞ ଡାକ୍ତର, ଆର୍କିଟେକ୍ଟ, ଡିଏମ୍‌ଏଫ୍‌ର ଟିମ୍ ଲିଡର୍ ନିର୍ମଳ ଯୋଶୀ, ବରିଷ୍ଠ ପ୍ରକଳ୍ପ ଅଧିକାରୀ ବିଟନ୍ ହାଲଦାର୍, ମୃଣାଳିନୀ ମନ୍‌ବତ୍‌କର୍ ପ୍ରମୁଖ ଏହି କର୍ମଶାଳାରେ ଅଂଶଗ୍ରହଣ କରି ଆଲୋଚନାରେ ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. ଆର୍. ଚନ୍ଦ୍ର ଶେଖର, ନାଭି ମୁମ୍ବାଇ ସ୍ଥିତ ଏନ୍.ଏମ୍.ଏମ୍.ସି.ର ଶିକ୍ଷା ଓ ତାଲିମ୍ ଏବଂ ଭିନ୍ନକ୍ଷମଙ୍କ ପାଇଁ ସେବାକେନ୍ଦ୍ରର ନିର୍ଦ୍ଦେଶକ ଡା. ବର୍ଷା ଭଗତ ଭର୍ଚୁଆଲ୍ ମାଧ୍ୟମରେ କର୍ମଶାଳାରେ ଅଂଶଗ୍ରହଣ କରି ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରି କିପରି ସଫଳତାର ସହିତ ଉକ୍ତ ଥଇଥାନ କେନ୍ଦ୍ର ନିର୍ମିତ ହୋଇ କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ସୁନାମଧନ୍ୟ ଡାକ୍ତର ଏସ୍‌ଭି ନିର୍ତାର ଅଲଟ୍‌ପୁରର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାଶଙ୍କୁ ସଂବର୍ଦ୍ଧିତ କରାଯାଇ ଥିଲା । ଏହି ଅବସରରେ ଜିଲ୍ଲାପାଳ ଆଶିଷ ଠାକରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ ଯେ, କୋଭିଡ୍-୧୯ ମହାମାରୀରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଙ୍କିଠାରେ କୋଭିଡ୍ ହସପିଟାଲ୍ ପ୍ରତିଷ୍ଠା କରାଯାଇଥିଲା । କୋଭିଡ୍-୧୯ ସଂକ୍ରମଣ ନିୟନ୍ତ୍ରଣାଧୀନ ହୋଇଯାଇଥିବାରୁ ଉକ୍ତ ହସପିଟାଲ୍‌ରେ ଉପଲବ୍ଧ ଭିତିଭୂମିର ସଠିକ୍ ଉପଯୋଗ ନିମନ୍ତେ ସେଠାରେ ଡି.ଏମ୍.ଏଫ୍. ସହଯୋଗରେ ଜିଲ୍ଲା ପ୍ରଶାସନ ତରଫରୁ ଏକ "ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର" ସ୍ଥାପନ କରିବାକୁ ନିଷ୍ପତି ନିଆଯାଇଛି । ଚାରୋଟି ପର୍ଯ୍ୟାୟରେ ଉକ୍ତ ସମନ୍ୱିତ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ କରାଯିବାକୁ ଯୋଜନା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଆଗୁଆ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସ୍ଥାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଠାରେ ବିଭିନ୍ନ ପ୍ରକାର ଫିଜିଓଥେରାପି କରାଯିବା ସହିତ ମାନସିକ ପକ୍ଷାଘାତ ରୋଗୀଙ୍କର ଚିକିତ୍ସା କରାଯିବ ଏବଂ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଦିଆଯିବାର ବ୍ୟବସ୍ଥା କରାଯିବ। ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ଏହାର କାର୍ଯ୍ୟକ୍ରମକୁ ବିସ୍ତାରିତ କରାଯିବ। ବିଭିନ୍ନ ପ୍ରକାର ଭିନ୍ନକ୍ଷମମାନଙ୍କର ଚିକିତ୍ସା କରାଯିବା ସହିତ ସେମାନଙ୍କର ଥଇଥାନ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେମାନଙ୍କର ଦକ୍ଷତା ବିକାଶ କରାଯିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ।

ବଙ୍ଗୀୟ ଭକ୍ତଙ୍କୁ ପୁଲିସର ଦୁର୍ବ୍ୟବହାର ଅଭିଯୋଗ

ପୁରୀ,୧୩।୨ (ନି.ପ୍ର): ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଜଣେ ବଙ୍ଗୀୟ ଭକ୍ତ ପ୍ରିୟବ୍ରତ ସାହୁଙ୍କୁ ପୁଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି । ପ୍ରିୟବ୍ରତ ତାଙ୍କ ପରିବାର ସହ ସିଂହଦ୍ୱାର ଦେଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ । ଦର୍ଶନ ସାରି ପଶ୍ଚିମ ଦ୍

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଜାନୁଆରୀ, ୨୦୨୧
email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ - ୧୫

(ପୂର୍ବପ୍ରକାଶିତ ଉତ୍ତାରୁ...)

ଓଡ଼ିଶା ସହିତ ସମ୍ବଲପୁରର ସମ୍ମିଶ୍ରଣ ନିଜେ ଫ୍ରେଜର ସାହେବ ସମ୍ବଲପୁରକୁ ଆସି ପ୍ରକାଶ୍ୟ ଦରବାରରେ ଘୋଷଣା କରିଥିଲେ । ଏହି ଉପଲକ୍ଷରେ ସମ୍ବଲପୁରବାସୀ ତାଙ୍କ ନାମରେ ଫ୍ରେଜର କ୍ଲବ ଓ ଫ୍ରେଜର ପ୍ରେସ୍ ନାମକ ମୁଦ୍ରାଯନ୍ତ୍ର ସ୍ଥାପନ କରିଥିଲେ । ଫ୍ରେଜର୍ କ୍ଲବ୍ ଅଦ୍ୟାପି ରହିଅଛି । କିନ୍ତୁ ଫ୍ରେଜର୍ ପ୍ରେସ୍ ନାମ ସୁଦ୍ଧା ଲୁପ୍ତ ହୋଇଅଛି ।

୧୯୦୧ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ସ୍ୱର୍ଗାରୋହଣ ଉତ୍ତାରେ ତାଙ୍କ ପୁତ୍ର ସପ୍ତମ ଏଡ୍‌ୱାର୍ଡ ସିଂହାସନାରୋହଣ କଲେ । ୧୯୦୩ ମସିହାରେ ଭାରତବର୍ଷରେ ତାଙ୍କ ଅଭିଷେକୋତ୍ସବ ପାଳିତ ହୋଇଥିଲା । ସମ୍ବଲପୁରରେ ଅନୁଷ୍ଠିତ ଦରବାରରେ ବାଲାଜି ମେହେର ନାମକ ବରଗଡ଼ ସବ୍‌ଡିଭିଜନବାସୀ ଜଣେ ନିରକ୍ଷର ଭୂଲିୟା (ତନ୍ତୀ) ଅଚିନ୍ତିତପୂର୍ବ ପଦ୍ୟାବଳୀ ତତ୍‌କ୍ଷଣାତ୍ ରଚନା କରି ଦର୍ଶକମଣ୍ଡଳୀଙ୍କୁ ମୁଗ୍ଧ କରିଥିଲେ । ସମୟ ସମୟରେ ଏହିପରି 'ଆଶୁକବି'ଙ୍କ ସଂଖ୍ୟା ସମ୍ବଲପୁରରେ ବିରଳ ନୁହେଁ । ଉତ୍କଳରେ ସୁପରିଚିତ ଆଶୁକବି, ବିଷ୍ଣୁ ଦାସ ଅଦ୍ୟାପି ଜୀବିତ ଅଛନ୍ତି । ତାହାଙ୍କ ବାସସ୍ଥାନ ଅତାବିରା ଥାନା ଅନ୍ତର୍ଗତ ପୋଡ଼ିବାଡ଼ ଗ୍ରାମରେ ।

ଏହିଦିନ ସମ୍ବଲପୁରରେ ଏଡ୍‌ୱାର୍ଡ଼ ବଜାର ସ୍ଥାପିତ ହୋଇଥିଲା । ଏହା ବର୍ତ୍ତମାନ ଗୋଲବଜାର ନାମରେ ପରିଚିତ ସମ୍ବଲପୁରର ପ୍ରଧାନ ବାଣିଜ୍ୟସ୍ଥଳ । ତଦାନୀନ୍ତନ ମଧ୍ୟପ୍ରଦେଶର ଚିଫ୍ କମିଶନର J.P.Hewitt ଙ୍କ ଦ୍ୱାରା ୧୯୦୩ ମସିହାରେ ସମ୍ବଲପୁର ଟାଉନହଲ୍‌ର ଶୁଭ ଦିଆହୋଇଥିଲା । ଏହି ଉପଲକ୍ଷରେ ଅନୁଷ୍ଠିତ ଦରବାରରେ ବାମଣ୍ଡାର ସୁପରିଚିତ ରାଜା ସାର୍ ବାସୁଦେବ ସୁଜଳଦେବ ଓ ନିକଟବର୍ତ୍ତୀ ପାଟଣା, କଳାହାଣ୍ଡି, ସୋନପୁର, ରେଢ଼ାଖୋଲର ରାଜାମାନେ ଯୋଗଦାନ କରିଥିଲେ । ନୂତନ ଭାରତସମ୍ରାଟଙ୍କ ଅଭିଷେକୋତ୍ସବରେ ଆମ୍ଭେ (ସ୍କୁଲଛାତ୍ର)ମାନେ ଖେଳ, କୁସ୍ତି ଆଦି ଶେଷରେ ଯେଉଁ ପ୍ରଚୁର ପରିମାଣରେ ମିଷ୍ଟାନ୍ନ ଭୂରିଭୋଜନ କରିଥିଲୁ ତାହା ମନେକଲେ ଆଜି ଦୁର୍ଦ୍ଦିନରେ ଏଭଳି ଘଟଣା ସ୍ୱପ୍ନତୁଲ୍ୟ ବୋଧ ହେଉଅଛି ।

ମଧ୍ୟପ୍ରଦେଶରେ ରହି ମରହଟ୍ଟା ଓ ହିନ୍ଦୁସ୍ଥାନୀଙ୍କ ସହିତ ପ୍ରତିଯୋଗିତାରେ ସମ୍ବଲପୁରବାସୀଙ୍କୁ ଦଣ୍ଡାୟମାନ ହେବାକୁ ହେଉଥିଲା । ୧୯୦୨ ରୁ ୧୯୦୪ ପର୍ଯ୍ୟନ୍ତ ଯେଉଁ ଦୁଇବର୍ଷ ମୁଁ ସମ୍ବଲପୁରରେ ରହିଲି ସେହି ମଧ୍ୟରେ ଦେଖିଲି, ସମ୍ବଲପୁରବାସୀଙ୍କ ଅବସ୍ଥା ଅସ୍ୱଚ୍ଛଳ ନୁହେଁ । ବିଶେଷତଃ ସମ୍ବଲପୁରବାସୀ ଝାଡୁଆ ବ୍ରାହ୍ମଣୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଶିକ୍ଷାରେ, ବାଣିଜ୍ୟରେ, କୃଷିକର୍ମ ପ୍ରଭୃତି ଅର୍ଥୋତ୍ପାଦନ କାର୍ଯ୍ୟରେ ସେମାନେ ଅଗ୍ରଣୀ । ସେହି ସମୟରେ ଛଅଜଣ ଗ୍ରାଜୁଏଟଙ୍କ ମଧ୍ୟରେ ଚାରିଜଣ ଝାଡୁଆ ବ୍ରାହ୍ମଣ । ସମ୍ବଲପୁର ସହରସ୍ଥ ବଡ଼ ସଡ଼କ, ଉଭୟ ପାର୍ଶ୍ୱରେ ଶ୍ରେଣୀବଦ୍ଧ ଝାଡୁଆ ବ୍ରାହ୍ମଣଙ୍କ ସମୃଦ୍ଧିଶାଳୀ ଦୋକାନରେ ପରିପୂର୍ଣ୍ଣ ଦେଖି ମନେ ହେଉଥିଲା, ଯେମନ୍ତ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ନିର୍ବିବାଦରେ ଏହି ସମାଜକୁ ପ୍ରତିଷ୍ଠାସମ୍ପନ୍ନ କରି ରଖିଅଛନ୍ତି । ସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ ମୁଷ୍ଟିମେୟ ହେଲେହେଁ, ରାଜ କର୍ମଚାରୀମାନଙ୍କ ମଧ୍ୟରେ ଝାଡୁଆ ବ୍ରାହ୍ମଣଙ୍କ ସଂଖ୍ୟା ଅଧିକ । ଦେଶୀୟ ରାଜ୍ୟମାନଙ୍କରେ ଦେୱାନ ପ୍ରଭୃତି ଉଚ୍ଚ କର୍ମଚାରୀ ଝାଡୁଆ ବ୍ରାହ୍ମଣ । ରାଜ ପୁରୋହିତ, ରାଜବୈଦ୍ୟ, ରାଜଜ୍ୟୋତିଷ ସର୍ବତ୍ର ଝାଡୁଆ ବ୍ରାହ୍ମଣ । କିନ୍ତୁ ହାୟ! କାଳର କରାଳଚକ୍ରରେ ଏହି ଅବସ୍ଥାର ଘୋର ପରିବର୍ତ୍ତନ ଘଟିଅଛି । ଏହା କେବଳ ଅନୁଭୂତିର ବିଷୟୀଭୂତ ଓ ପରବର୍ତ୍ତୀ ପ୍ରବନ୍ଧରେ ଆଲୋଚ୍ୟ ।

କଲେଜରେ ପ୍ରବେଶ

ମୁଁ ସମ୍ବଲପୁରରେ ଥିବା ସମୟରେ (୧୯୦୨-୧୯୦୪) ଏଠାରେ ରେଭରେଣ୍ଡ ହେବାର୍ଲେଟ୍ (Rev.P.E. Heberleft) ନାମକ ଜଣେ ଇଂରେଜ ପାଦ୍ରୀ ଥିଲେ । ପ୍ରତି ଶନିବାର ଦିନ ଆମ୍ଭମାନଙ୍କ ଆଲୋଚନା ସଭାରେ ସଭାପତିତ୍ୱ କରି ସେ ଆମ୍ଭମାନଙ୍କୁ ଇଂରେଜୀ ଶିକ୍ଷା ଦିଅନ୍ତି । ଏଥିରେ ଧର୍ମଚର୍ଚ୍ଚାର ଆଦୌ ସ୍ଥାନ ନଥାଏ । ସମ୍ବଲପୁରରେ ରେଭରେଣ୍ଡ ହେବର୍ଲେଟଙ୍କ ଛଡ଼ା ରେଭରେଣ୍ଡ ଭାନ୍ ନାମକ ଆଉ ଜଣେ ଇଂରେଜ ପାଦ୍ରୀ ରହୁଥିଲେ । ଏହାଙ୍କ ଛଡ଼ା ଜଣ କେତେ ଓଡ଼ିଆ ଖ୍ରୀଷ୍ଟଧର୍ମ ପ୍ରଚାରକ ମଧ୍ୟ ଥିଲେ । ହାଟପାଳିଦିନ ହାଟମାନଙ୍କୁ ଯାଇ ଏବଂ ରଥଯାତ୍ରା ପ୍ରଭୃତି ପର୍ବଦିନ ପ୍ରକାଶ୍ୟ ସ୍ଥାନମାନଙ୍କରେ ଏମାନେ ହିନ୍ଦୁଧର୍ମ, ହିନ୍ଦୁ ଦେବତାଦିଙ୍କ ନିନ୍ଦାକରି ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ଓ ଅନେକ ସ୍ଥାନରେ ଲୋକଙ୍କଠାରୁ ଗାଳିଖାଇ ବିଦାୟ ନିଅନ୍ତି ।

୧୯୦୪ ମସିହା ମାର୍ଚ୍ଚମାସରେ କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷା ଗୃହୀତ ହେଲା । ସମ୍ବଲପୁର ହାଇସ୍କୁଲ୍‌ର ୧୯ଜଣ ଛାତ୍ର ସେହି ପରୀକ୍ଷା ସକାଶେ ନିର୍ବାଚିତ ହେଲେ । ସେହି ସମୟରେ ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ନଥିବାରୁ ଆମ୍ଭେମାନେ କଟକ ଯାଇ ପରୀକ୍ଷାରେ ବସିଲୁ । ରେଳପଥରେ ସମ୍ବଲପୁରରୁ ଖଡ଼ଗ୍‌ପୁର ଦେଇ କଟକ ୪୬୦ ମାଇଲ, ସମ୍ବଲପୁର-କଟକ ସଡ଼କରେ ୧୭୪ ମାଇଲ । ସଡ଼କ କଚା, ଅରଣ୍ୟସଙ୍କୁଳ ଓ ଅନେକଗୁଡ଼ିଏ ନାଳରେ ପୂର୍ଣ୍ଣ । ଆଜିକାଲି ପରି ମୋଟର ଚଳାଚଳ ନଥିଲା । ସୁତରାଂ ସାଧାରଣ ଯାତାୟତ ରେଳପଥରେ ହେଉଥିଲା । ରେଳଗାଡ଼ିରେ ତୃତୀୟଶ୍ରେଣୀ ଯାତ୍ରୀମାନଙ୍କ ଅସୁବିଧା ଅକଥନୀୟ ଥିଲା । ଗାଡ଼ିରେ ପାଇଖାନା ନଥିଲା । ପାଣିର ବନ୍ଦୋବସ୍ତ ନଥିଲା । ଖାଦ୍ୟର ବ୍ୟବସ୍ଥା ତ ଆଦୌ ନଥିଲା । ଖଡ଼ଗ୍‌ପୁର ପାରିହୋଇ ଓଡ଼ିଶା ଭିତରକୁ ପଶିଲେ ବାଲେଶ୍ୱର ପ୍ରଭୃତି ବଡ଼ ବଡ଼ ଷ୍ଟେସନ୍ ଛଡ଼ା ଅନ୍ୟ କୌଣସିଠାରେ କିଛି ମିଳୁନଥିଲା । ଖଡ଼ଗ୍‌ପୁର ପରି ଏଡ଼େ ବଡ଼ ଷ୍ଟେସନ୍‌ରେ ସୁଦ୍ଧା ଯାତ୍ରୀମାନଙ୍କ ବିଶ୍ରାମ ସକାଶେ ନିକୃଷ୍ଟ ଧରଣର ଚାଳଘରମାନ ନିର୍ମିତ ହୋଇଥିଲା ।

କଟକରେ ଆମ୍ଭେମାନେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପିତା ତହାଳର ବିଶିଷ୍ଟ ଓକିଲ ରାୟବାହାଦୁର ଗୋକୁଳାନନ୍ଦ ଚୌଧୁରୀଙ୍କ ଗୋଟିଏ ବସାଘରେ ରହିଲୁଁ । ଯେଉଁ ପାଞ୍ଚଛଅ ଦିନ ଆମ୍ଭେମାନେ ପରୀକ୍ଷା ସକାଶେ ରହିଲୁଁ, ପ୍ରତିଦିନ ସନ୍ଧ୍ୟା ସମୟରେ ଗୋକୁଳାନନ୍ଦ ବାବୁ ଏଠାକୁ ଆସି ଆମ୍ଭମାନଙ୍କ ସୁବିଧା ଅସୁବିଧା କଥା ବୁଝିଯାନ୍ତି ଓ ନାନା ଉପଦେଶ ଦିଅନ୍ତି । ପରୀକ୍ଷା ଉତ୍ତାରେ ଆମ୍ଭେମାନେ ପୁରୀ ଦର୍ଶନ ସକାଶେ ଗଲୁଁ । ଦୁଇଦିନ ରହି ମୋର ସହାଧ୍ୟାୟୀମାନେ ଘରକୁ ଚାଲିଗଲେ । ଧର୍ମପିତାଙ୍କ ଆଦେଶମତେ ମୁଁ ପୁରୀରେ ରହିଗଲି ଓ ପୁରୀଜିଲ୍ଲା ସ୍କୁଲର ହେଡ୍ ପଣ୍ଡିତ ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠଙ୍କ ନିକଟରେ ସଂସ୍କୃତ ବ୍ୟାକରଣ ପଢ଼ିବାକୁ ଲାଗିଲି । ପୁରୀରେ ଦୋଳମଣ୍ଡପ ସାହିରେ ଥିବା ପଣ୍ଡିତ ମହୋଦୟଙ୍କ ବସାଘର ଧର୍ମ, ସାହିତ୍ୟ ତଥା ରାଜନୀତି ଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଥିଲା । ପ୍ରତ୍ୟହ ସନ୍ଧ୍ୟା ସମୟରେ ବହୁସଂଖ୍ୟକ ପଣ୍ଡିତ ଓ ବିଶିଷ୍ଟ ବ୍ୟକ୍ତିମାନେ ରୁଣ୍ଡ ହୁଅନ୍ତି ଓ ତାଙ୍କ ସହିତ ନାନା ବିଷୟ ଚର୍ଚ୍ଚା କରନ୍ତି । ମୁଁ ରହିଲି ବ୍ରାହ୍ମଣ ସମିତି ବୋର୍ଡିଂରେ । ସେଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଙ୍ଗେ କେତେକ ଦିନ ରହିବା ମୋ ଭାଗ୍ୟରେ ଘଟିଥିଲା । ସେ ଥିଲେ ମୋ ଧର୍ମପିତା ବାଲୁକେଶ୍ୱର ମିଶ୍ରଙ୍କ ଅକୃତ୍ରିମ ବନ୍ଧୁ ଓ ତାଙ୍କ ସମ୍ପର୍କ ଯୋଗୁଁ ସେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ସେହି ମାତ୍ର ୧୯୦୩ ମସିହାରେ ବି.ଏ. ପାସ୍ କରି ବାହାରିଥିଲେ । ମୁଣ୍ଡିତ କେଶ, ମୁଣ୍ଡ ମଧ୍ୟରେ ମୋଟା ଗୋଟିଏ ଚୂଟି । କଲେଜରେ ଥିବା ସମୟରେ ମଧ୍ୟ କେବେ କୁର୍ତ୍ତା ବା ଜୋଡା ପିନ୍ଧି ନଥିଲେ । ତାଙ୍କ ସାଧାରଣ ପରିଧେୟ ଖଣ୍ଡେ ମୋଟା ଧୋତି ଓ ଚାଦର । ମୋ ସହିତ ନୀଳକଣ୍ଠ ଦାଶ (ଓଡ଼ିଶା ବିଧାନସଭାର ଭୂତପୂର୍ବ ବାଚସ୍ପତି), ଗୋଦାବରୀଶ ମିଶ୍ର (ଭୂତପୂର୍ବ ମନ୍ତ୍ରୀ) ଓ ଆଉ କେତେଜଣ ବ୍ରାହ୍ମଣ ଛାତ୍ର ଆସି ରହିଲେ । ଗୋପବନ୍ଧୁ ବାବୁ ଦେଶବିଦେଶର ନାନା ପ୍ରକାର ଚିତ୍ତାକର୍ଷକ କଥା କହି ସମସ୍ତଙ୍କୁ ସ୍ୱଦେଶପ୍ରେମିକତାର ମହାମନ୍ତ୍ରରେ ଦୀକ୍ଷିତ କରିବାକୁ ଚେଷ୍ଟା କରୁଥିଲେ । ସେହି ସମୟରେ ସୁଦ୍ଧା ତାଙ୍କ ହୃଦୟରେ ବିଦେଶୀ ଶାସନବିଦ୍ୱେଷ ଗଭୀର ଭାବରେ ନିହିତ ଥିଲା । ତାଙ୍କ ସଙ୍ଗେ ଯେଉଁ କେତେକ ମାସ ରହିବା ସୌଭାଗ୍ୟ ଲାଭ କରିଥିଲି ତାହା ମୋ ଜୀବନର ଅମୂଲ୍ୟ ସମୟ ବୋଲି ମୁଁ ମନେକରୁଅଛି । ପୁରୀର ସ୍ୱର୍ଗୀୟ ମୋକ୍ତାର ରାମଚନ୍ଦ୍ର ଦାଶ, ବର୍ତ୍ତମାନ ପାଟଣା ହାଇକୋର୍ଟର ବିଚାରପତି ମାନ୍ୟବର ହରିହର ମହାପାତ୍ରଙ୍କର ପିତା ପଣ୍ଡିତ କାଶୀନାଥ ମହାପାତ୍ର, ପଣ୍ଡିତ ବାସୁଦେବ ରଥ କାବ୍ୟତୀର୍ଥ ପ୍ରଭୃତି କେତେକ ସଜାତୀୟ ବ୍ୟକ୍ତିଙ୍କ ଯତ୍ନରେ ଗରିବ ବ୍ରାହ୍ମଣ ଛାତ୍ରମାନଙ୍କ ସକାଶେ ଏହି ବ୍ରାହ୍ମଣ ସମିତି ବୋର୍ଡିଂ ପ୍ରତିଷ୍ଠିତ ହୋଇଥିଲା । ଏଠାରେ ରହି ଦରିଦ୍ର ବ୍ରାହ୍ମଣମାନେ ପୁରୀର ଭିନ୍ନ ଭିନ୍ନ ସ୍କୁଲରେ ଅଧ୍ୟୟନ କରୁଥିଲେ । (କ୍ରମଶଃ)



ଡାଏରୀ -୫୨

ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

॥ ବଉଳଗଛ ॥

ମେନ୍‌ରୋଡରୁ ଦୁଇଶହ ମିଟର ଆଗକୁ ଗଲେ ବାଆଁହାତି ମୋଡ଼ । ମୋଡ଼ ମଝାମଝି ଡାହାଣପଟେ ପଡ଼େ ଛୋଟ ଏକ ବଖୁରିଆ ଘର । ଡାଉ କଲର୍‌ରେ ପେଣ୍ଟିଂ ହୋଇଥାଏ । ଗେଟ୍ ଖୋଲି ଭିତରକୁ ଗଲେ ଛୋଟ ବଗିଚା । ଗୋଲାପଫୁଲ, ରଜନୀଗନ୍ଧା, ଗେଣ୍ଡୁ, ହରଗଉରା ହରେକରକମ୍‌ର ଫୁଲ । ବେଡ୍‌ରୁମ୍‌ର ଝର୍କା ଖୋଲିଦେଲେ ବାସ୍ନା ଆଉ ବାସ୍ନା । ସେଇ ଝର୍କାବାଟେ ବାହାରକୁ ଚାହିଁ ରହିଥାଏ ଦୁଇଟ ଢ଼ଳଢ଼ଳ ଆଖି । ସେ ଆଖି ଦୁଇଟି ଥିଲା ଆର୍ଯ୍ୟା ଦାସର । କଲେଜରେ ଜଏନ୍ କଲା ପରେ ଆର୍ଯ୍ୟା ଦାସ ସେଇ ଘରେ ରହୁଥିଲା ।

ନିଜ ଅଜାଣତରେ ରଜନୀ ଦାଶ ଗାଡ଼ି ବ୍ରେକ୍ କଷିଲା ଘର ସାମ୍ନାରେ । ଗେଟ୍ ଖୋଲି ଭିତରକୁ ଗଲା । ବଗିଚାକୁ ଚାହିଁଲା । ଗୋଟିଏ ବି ଫୁଲଗଛ ନଥିଲା । ଖଡ଼ା ଆଉ କୋଶଳା ଶାଗର କିଆରୀ । ବିରକ୍ତ ହୋଇଉଠିଲା ରଜନୀ ଦାଶ । ଆର୍ଯ୍ୟାକୁ ଗୋଲାପ ଫୁଲ ଭଲ ଲାଗେ ବୋଲି ଭୁବନେଶ୍ୱରରୁ କିସମ କିସମର ଗୋଲାପ ଚାରା ନେଇଆସୁଥିଲା । ନିଜ ହାତରେ ଗୋଲାପ ଚାରାରେ ପାଣି ଦେଉଥିଲା । ସଯତ୍ନରେ ବଢ଼ାଉଥିଲା ଆର୍ଯ୍ୟା ।

ବିରକ୍ତ ହୋଇଉଠିଲା ରଜନୀ ଦାଶ । ହଠାତ୍ କବାଟ ଖୋଲି ଜଣେ ଅଳ୍ପବୟସ୍କା ମହିଳା ବାହାରି ଆସିଲେ, "କାହାକୁ ଖୋଜୁଛନ୍ତି ?" ପ୍ରଶ୍ନର ଉତ୍ତରରେ ରଜନୀ ଦାଶ କହିଲା, "ଆର୍ଯ୍ୟାକୁ ।" ମହିଳା ଜଣକ ପ୍ରଥମେ କିଛି ବୁଝିପାରିଲେନି । କିଛି ସମୟ ପରେ ଆଉ ଜଣେ ତରୁଣ ବାହାରି ଆସିଲେ । ପୁଣି ସେ ପ୍ରଶ୍ନ "କାହାକୁ ଖୋଜୁଛନ୍ତି ଆପଣ ?" ଶାଗ କିଆରୀକୁ ଦୃଷ୍ଟି ଦେଉଦେଉ କହିଲା ରଜନୀ ଦାଶ, "ଆର୍ଯ୍ୟା- ଆର୍ଯ୍ୟା ଦାସକୁ ।

ଲୋକଟି ହସି ଉଠିଲା । ଚିହ୍ନି ପାରିଲା ଭଳି କହିଲା, "ସାର୍! ନମସ୍କାର! ଆପଣ ?" ରଜନୀ ଦାଶ ବୁଲିଚାହିଁଲା ଲୋକଟିକୁ । କେଉଁଠି ଦେଖିଲା ପରି ମନେହେଉନି ।

ଲୋକଟି କହିଲା, "ସାର୍! ଆପଣ ମତେ ଚିହ୍ନି ପାରିଲେନି ବୋଧହୁଏ । ମୁଁ ଷ୍ଟେଟ୍ ବ୍ୟାଙ୍କର ଏମ୍ପ୍ଲୋଇ, ଆର୍ଯ୍ୟା ମାଡାମଙ୍କ ସାଥିରେ ଆପଣ ଥରେ ଆମ ବ୍ରାଞ୍ଚକୁ ଯାଇଥିଲେ, ମାଡାମ୍‌ଙ୍କ ଆକାଉଣ୍ଟ ଖୋଲିବା ପାଇଁ । ହେଲେ ଆର୍ଯ୍ୟା ମାଡାମ ତ ସମ୍ବଲପୁର ଟ୍ରାନ୍ସଫର୍ ହୋଇଯାଇଛନ୍ତି ଚାରିବର୍ଷ ହେବ । ଆପଣ ବି ରିଟାୟାର୍ଡ କରି ସାରିଲେଣି ଯା ଭିତରେ, କିଏ ଜଣେ କହୁଥିଲା ।"

ଚମକି ପଡ଼ିଲା ରଜନୀ ଦାଶ । ଏତେ ଇନ୍‌ଫରମେସନ୍ ରଖିଛି ତା ବିଷୟରେ ! ଏବେ ବୁଝିଲା ଗୋଟାଏ ଟ୍ରାନ୍ସରେ ରଜନୀ ଦାଶ ଚାରିବର୍ଷ ପରେ ସେଇଘରକୁ ଆସିଛି, ଯୋଉ ଘରେ ଆର୍ଯ୍ୟା ରହୁଥିଲା । ଆର୍ଯ୍ୟାକୁ କଲେଜ୍ ଇଣ୍ଟରଭ୍ୟୁରେ ପ୍ରଥମ କରି ଭେଟିଥିଲା ରଜନୀ ଦାଶ । ଇଣ୍ଟରଭ୍ୟୁ କଣ୍ଡକ୍ଟ କରୁଥିଲା ସେ । ଆର୍ଯ୍ୟା ପିନ୍ଧିଥିଲା ହାଲ୍‌କା ରଂଗର ଶାଢ଼ି । ତା ଶ୍ୟାମଳ କଲର୍‌କୁ ମ୍ୟାଚ୍ କରୁଥିଲା ଶାଢିଟି । ସବୁ ପ୍ରଶ୍ନର ଉତ୍ତର ଦେଇଥିଲା । କେଜାଣି କାହିଁକି ରଜନୀ ଦାଶର ମନେହେଲା ଏ ଝିଅଟା ସହ ତାର ଯେମିତି ପରିଚୟ ଅଛି । କିନ୍ତୁ ମନେ ପକାଇ ପାରିଲାନି । କଲେଜ୍‌ରେ ଜଏନ୍ ପରେ ଥରେ ଡିପାର୍ଟମେଣ୍ଟରେ ଆର୍ଯ୍ୟାକୁ କହିଲା "ବୁଝିଲ, କଲେଜ୍ ଲାଇଫ୍‌ରେ ଗୋଟେ ଝିଅକୁ ମନେମନେ ଭଲ ପାଉଥିଲି । ମନେଅଛି ସେ ଝିଅର ନାଁ ଶାନ୍ତି ଥିଲା । ହ୍ୱାଇଟ୍ ବେଲ୍‌ବଟମ୍ ପ୍ୟାଣ୍ଟକୁ ଗ୍ରୀନ୍‌କଲର୍ ଶାର୍ଟ ପିନ୍ଧୁଥିଲା । ଅବିକଳ ତମରି ଚେହେରା ।"

'ଆଚ୍ଛା'- ଉତ୍ସାହିତ ହୋଇ କହିଲା ଆର୍ଯ୍ୟା ।

- "କିନ୍ତୁ ଦୁଃଖର କଥା ତାକୁ ଆଇ ଲଭ୍ ୟୁ କହି ପାରିଲିନି । ସେଇଟା ହିଁ ମୋର ଅବସୋସ ।" ରଜନୀ ଦାଶର ଏ ଉତ୍ତରରେ ଫିକ୍ କିନା ହସି କହିଲା ଆର୍ଯ୍ୟା- "ତାହେଲେ ମତେ ଆଇ ଲଭ୍ ୟୁ କହି ଦିଅନ୍ତୁ ନା ! ମୁଁ କିଛି ଭାବିବିନି । କାହାକୁ ନିସର୍ଭ ଭଲପାଇବା ମିଳେ କହିଲେ ?"

ରଜନୀ ଦାଶ ତାକୁ ସେଦିନ 'ଆଇ ଲଭ୍ ୟୁ' କହିନଥିଲା । ହେଲେ ନିଜ ଅଜାଣତରେ ପୁଣି ଗୋଟାଏ ଫର୍ଦ୍ଦ ଯୋଡ଼ି ହୋଇଗଲା ତା ଜୀବନ ଖାତାରେ । ପୁଣି ସ୍ୱପ୍ନ ଦେଖିଲା, କବିତା ଲେଖିଲା । ଚିରଦିନ ସ୍ୱପ୍ନମନସ୍କ ସିଏ ।

ହଠାତ୍ ଆର୍ଯ୍ୟାର ପୋଷ୍ଟିଂ ହେଲା ପାଞ୍ଚଶହ କିଲୋମିଟର ଦୂର ସ୍ଥାନରେ, ଯେଉଁଠି ଆର୍ଯ୍ୟାର ସ୍ୱାମୀ ଚାକିରୀ କରୁଥିଲା । ଆର୍ଯ୍ୟା ଏଠିକା ଘରଛାଡ଼ି ଦେଲା । ସେହିଦିନଠୁ ଏ ଗଳିକୁ କେବେ ବି ଆସିନି ରଜନୀ ଦାଶ । ଆଜି ନିଜ ଅଜାଣତରେ ପୁଣି ଆସିଛି ।

"ସାର୍ ଆସନ୍ତୁ ଚା' କପ୍‌ଟେ ପିଇଦେଇ ଯିବେ । ଆର୍ଯ୍ୟା ମ୍ୟାଡାମ୍‌ଙ୍କ ପରେ ଆମେ ଏ ଘରେ ରହିଛୁ ।"

- ନା ଥ୍ୟାଙ୍କସ୍ । ଆଚ୍ଛା ବାଡ଼ିପଟ ସେ ବଉଳ ଗଛଟା ଅଛି ନା ?" ପଚାରିଲା ରଜନୀ ଦାଶ । ଅନେକ ସମୟରେ ଆର୍ଯ୍ୟାର ବାଡ଼ିପଟ ଗ୍ରୀଲ୍‌ରେ ମୁହଁ ରଖି ସେ ବଉଳଗଛଟାକୁ ଚାହେଁ । କେବେ ବି ସେ ଗଛରେ ବଉଳ ଫୁଟିବାର ଦେଖିନି ।

"ନା ସାର୍! ନୂଆ ବିଲ୍‌ଡିଙ୍ଗ ପାଇଁ ସେ ଗଛଟି କଟା ହୋଇଯାଇଛି ଚାରିବର୍ଷ ତଳୁ ।" ଆଉ କିଛି ଶୁଣିବା ଅପେକ୍ଷାରେ ନଥିଲା ରଜନୀ ଦାଶ । ଗାଡ଼ି ଷ୍ଟାର୍ଟ କଲା ।

କବିତା.... ଆମ ସମୟର

ସୁରେଂଦ୍ର ପାଣିଗ୍ରାହୀ

॥ ନୀରବତା ॥

ମୋ ଭ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୧୪ ଜାନୁଆରୀ, ୨୦୨୧

ମନେପଡେ....(୫୨)

ଗଙ୍ଗା ନନା



ସୁଗାୟିକ ଓ ସ୍ତମ୍ଭକାର

ଉଦୟ ନାରାୟଣ ଦାସ

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ପଞ୍ଚମ ଶ୍ରେଣୀ ପଢିଲା ବେଳେ ଶଚୀ ଗୁରୁଜୀ ଗୋଟେ ପୂର୍ବ ବର୍ଷର ସାହିତ୍ୟ ପ୍ରଶ୍ନ ଉତ୍ତର ଖାତା ଆମମାନଙ୍କୁ ଅନୁଶରଣ କରିବା ପାଇଁ ଦେଇଥିଲେ । ସେଥିରେ ଥିବା ଅକ୍ଷର ଓ ବିଷୟ ଆରମ୍ଭର ସୁନ୍ଦର ଚିତ୍ର ଯେକୌଣସି ଛାତ୍ରଙ୍କୁ ଆକୃଷ୍ଟ କରିଦେଇ ପାରିବ । ଖାତାର ସତ୍ୱାଧିକାରୀଙ୍କ ନାମ ଉପରେ ଲେଖାଥିଲା ଖୁବ୍ କଳାତ୍ମକ ଷ୍ଟାଇଲରେ 'ଗଂଗା ନାରାୟଣ ରଥ' । ଏତେ କମ୍ ବୟସରେ ଆମ ଗାଁରେ ଗଂଗା ନାରାୟଣ କେଉଁଠି ରୁହନ୍ତି ମୁଁ ଜାଣି ପାରିନଥିଲି । କିନ୍ତୁ ତାଙ୍କର ଖାତାର କଳାତ୍ମକ ପରିପାଟୀ ଓ ଲେଖାର ମାନ ମୋ ଭିତରେ ତାଙ୍କ ପ୍ରତି ଏକ ଅହେତୁକ ସମ୍ମାନ ଓ ଭଲ ପାଇବା ସୃଷ୍ଟି କରି ଦେଇଥିଲା ତାଙ୍କ ଅଲକ୍ଷରେ ।

ପଞ୍ଚମ ଶ୍ରେଣୀ ପାସ୍ କଲାପରେ ଗଂଗା ନାରାୟଣ କୁଆଡ଼େ ସହରକୁ ଚାଲି ଯାଇଥିଲେ ତାଙ୍କ ମାମୁ ଘରେ ରହି ପଢିବା ପାଇଁ । ତେଣୁ ମୁଁ ଯେତେ ଚେଷ୍ଟା କଲେ ବି ତାଙ୍କୁ ମୁଁ ଦେଖି ପାରିନଥିଲି । ପଞ୍ଚମ ଶ୍ରେଣୀ ପରେ ବି ମୁଁ ମାମୁ ଘର କୁ ଚାଲି ଯାଇଥିଲି । କଲେଜକୁ ଯିବା ପର୍ଯ୍ୟନ୍ତ ମୋର ଆଉ ତାଙ୍କ ସହ ଦେଖା ହେଇ ପାରିନଥିଲା ।

କଲେଜରେ ମୋର ତାଙ୍କ ସହ ପ୍ରଥମ କରି ଦେଖାହେଲା କଲେଜ ଇଲେକସନ୍ ମାମଲାରେ । ସେ ହଷ୍ଟେଲରେ ରହୁଥିଲେ । ଥରେ କଲେଜ ହତାରେ ମୋ ପାଖକୁ ସେ ଆସି କହିଥିଲେ, "ମୁଁ ଗଂଗା ନାରାୟଣ ରଥ । ମୋ ଘର ଶ୍ରୀଜଂଗ । ତମ ଘର ନିକଟରେ ଆମ ଘର । ମୋତେ ଜାଣିଛୁ ?"

ସେତେବେଳେ ତାଙ୍କର କଲେଜରେ ଖୁବ୍ ନାଁ ଥିଲା । ସେ ଜଣେ ଇଂରାଜୀରେ ଭଲ ଛାତ୍ର ଥିଲେ । ସେ ପରିଚୟ ଦେଲା ପରଠୁଁ ମୁଁ ତାଙ୍କୁ 'ନନା' ବୋଲି ଡାକୁଥିଲି । ତାଙ୍କ ହଷ୍ଟେଲର ରୁମକୁ ବି ଯା ଆସ କରିବାକୁ ଆରମ୍ଭ କଲି । ମୋର ଗୋଟେ ବଡ ଗର୍ବ ହେଇଥିଲା କଲେଜର ସବୁଠୁଁ ଭଲ ପଢୁଥିବା ଗଂଗା ନନା ମୋର ଅତି ନିଜର ଗାଁ ଲୋକ ବୋଲି ।

ମୁଁ ଅନେକ ଅସୁବିଧାରେ ତାଙ୍କ ପାଖକୁ ଯାଉଥିଲି । ଲାଇବ୍ରେରୀରୁ ବହି ଆଣିବା ହେଉ, ଇଂରାଜୀ ବୁଝିବା ହେ, ଗାଁର କେଉଁ ସମସ୍ୟା କଥା ହେଉ ତାଙ୍କ ପାଖକୁ ଚାଲିଗଲେ ସବୁ ସେ ସମାଧାନ କରି ଦେଉଥିଲେ । କାହିଁକି କେଜାଣି ସେ ମୋତେ ଭଲ ପାଉଥିଲେ ଖୁବ୍ ଅଳ୍ପ ଦିନ ସାକ୍ଷାତ ଭିତରେ । ମୁଁ ଯାହା ଅନୁଭବ କଲି ସେ ମୋତେ ତାଙ୍କ ନିଜ ସାନ ଭାଇ ଠୁଁ ଅଧୀକ ଶ୍ରଦ୍ଧା କରୁଥିଲେ । ସେ ପ୍ରଥମରୁ ଟାଇମସ୍ ଅଫ୍ ଇଣ୍ଡିଆ ପ୍ରତିଦିନ ପଢୁଥିଲେ ଓ ଅନେକ ଇଂରାଜୀ ଶବ୍ଦ ମୋତେ ଶିଖାଉଥିଲେ । ତାଙ୍କ ରୁମର ବହି, ଜିନିଷପତ୍ର, ପେଣ୍ଟସାର୍ଟ, ଖବର କାଗଜ ରଖିବାର ତରିକା ଦେଖିଲେ ମୁଁ କଣ ଯେକୌଣସି ମଣିଷ ବି ଚକିତ ହେଇଯିବ । ବେଳେବେଳେ ବି ମୁଁ ତାଙ୍କ ଠୁଁ ଟଙ୍କା ଅଭାବରେ ଥିଲେ ଧାର ଆଣୁଥିଲି । କେବେ ସେ ନାଁ କରିବା ଓ ଛଳନା କରିବା ଲୋକ ନଥିଲେ ।

ଫକୀର ମୋହନ କଲେଜରୁ ପାସ୍ କରି ସେ ବାଣୀବିହାରରେ ପଢୁଥିଲେ । ପୁଣି ମୁଁ ଯେତେବେଳେ ସେଠିକୁ ଗଲି ସେ ପ୍ରଥମରୁ ମୁଁ କେଉଁଠି ରହିବି କେମିତି ଖାଇବି ସବୁ ଠିକ୍ କରି ଦେଇଥିଲେ । ବାଣୀବିହାରରେ ତାଙ୍କର ଖୁବ୍ ପ୍ରସିଦ୍ଧି ଥିଲା । ପିଲାମାନେ ତାଙ୍କୁ 'ଜୟପ୍ରକାଶ ନାରାୟଣ' ବୋଲି ଡାକୁଥିଲେ ଅତି ଶ୍ରଦ୍ଧାରେ । ମୁଁ କେଉଁଠି ଅସୁବିଧାରେ ପଡିଗଲେ ତାଙ୍କ ରୁମକୁ ଯାଉଥିଲି । ବାଣୀବିହାରରୁ ସେ ପାସ୍ କରି ଏ.ଜି. ରେ ପ୍ରଥମେ ଚାକିରୀ କରିଥିଲେ । ମୁଁ ସୁବିଧା ଅସୁବିଧାରେ ତାଙ୍କ ପାଖକୁ ଗଲେ ସେ ଖୁବ୍ ଭଲ ପରାମର୍ଶ ଦେଉଥିଲେ ।

ତା'ପରେ ସେ ଆର.ବି.ଆଇ.ରେ ବଡ ଅଫିସର ପୋଷ୍ଟ ପାଇ ବମ୍ବେ ଚାଲି ଯାଇଥିଲେ । କିନ୍ତୁ ଗାଁ କୁ ଆସିଥିଲେ ତାଙ୍କ ବିବାହ ବେଳକୁ । ସେ ସମୟରେ ସେ ଗୋଟେ ପତଳା କାଗଜରେ ବିବାହ ଇନଭାଇଟେସନ୍ ପତ୍ର ଛପାଇଥିଲେ ଯେ, ଯେକୌଣସି ଲୋକ ଦେଖିଲେ ତାଙ୍କୁ ତାରିଫ୍ କରିବ । ବାଲିଆପାଳ ରୁ ସେ ବାହା ହେଇଥିଲେ । ବରଯାତ୍ରୀ ପାଇଁ ମୋଟେ ୧୫ ଜଣ ଲୋକ ସେ ଠିକ୍ କରିଥିଲେ ତା ଭିତରେ ମୋତେ ସେ ଯିବାକୁ କହିଥିଲେ ତାଗିଦ୍ କରି । ସେଇଥିରୁ ମୁଁ ଜାଣିପାରିଥିଲି ନନା ମୋତେ କେତେ ଭଲ ପାଉଥିଲେ । ସେଇ ବାହାଘର ପରଠୁଁ ଏଯାଏଁ ନନାଙ୍କୁ ମୁଁ ଆଉ ଦେଖିନାହିଁ । ଶୁଣିଛି ତାଙ୍କ ସ୍ତ୍ରୀ ଖୁବ୍ କମ୍ ବୟସରେ ମରିଗଲେ । ନନାଙ୍କୁ ମୁଁ କେବେବି ଆଉ ସାହସ କରି ଯୋଗାଯୋଗ କରିନାହିଁ । ଭାବିଛି ଚାକିରୀ ସରିଗଲେ ପ୍ରଥମେ ନନାଙ୍କୁ ଭେଟିବି, ସେ ଯେଉଁଠି ଥାଆନ୍ତୁ ନା କାହିଁକି । (ଆଗଥରକୁ)

ଧାରାବାହିକ ଉପନ୍ୟାସ

ନାତି

ଡ. ରତିକାନ୍ତ ବେହେରା

❤ କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨

ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୧୫

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମୂକ ଅବସ୍ଥାରେ କିଛିକ୍ଷଣ ବସିବା ପରେ କ'ଣ ଭାବିଲେ କେଜାଣି, ଡାକିଲେ ନିଜ ପୁତୁରା ଜୀତେଶକୁ । ଧୀରେ ଅଥଚ ଗମ୍ଭୀର ଭାବେ ନିର୍ଦ୍ଦେଶ କଲେ -

"ଚାଲ୍, ବାଇକ୍‌ରେ ମୋତେ ନେଇ ଘରେ ଛାଡ୍ !"

ଘରେ ପହଞ୍ଚି ଗାଧୋଇ ପାଧୋଇ ସାରି ଯେତେବେଳେ ଠାକୁର ଘର ଭିତରେ ପଶିଲେ, ସେତେବେଳେ ଅନ୍ତତଃ କିଛିକ୍ଷଣ ପାଇଁ ଭୁଲି ଯାଇଥିଲେ ସବୁକିଛି । ଘରଦ୍ୱାର, ଶୁଭ ଶୁଭଦା, ଭବେଶ ନାତି, ଡାକ୍ତରଖାନା ନର୍ସିଂହୋମ୍, ସଂପର୍କୀୟ ବଂଧୁବାନ୍ଧବ, ଧନ ଜୀବନ, ଦେହ ଦହନ, ସ୍ତ୍ରୀଲୋକ ମଲାଛୁଆ, କୁକୁର କାଉ ଏମିତି ଅନେକ କିଛି । ଧ୍ୟାନରେ କିଛିକ୍ଷଣ ବସିଲା ପରେ ଅନ୍ତଶ୍ଚକ୍ଷୁରେ ଯାହାକୁ ସେ ଦେଖିଲେ, ସେ ହେଉଛି କାଳିଆ । ସେ ହିଁ ସର୍ବଶେଷ ସତ୍ୟ । ତାଙ୍କ ପରେ ଆଉ କିଛି ନାହିଁ କେହି ନାହିଁ । କେବଳ ସେ ହିଁ ଆଲୋକ ହୋଇ ଦୃଶ୍ୟ ହେଉଛନ୍ତି ଦୀନନାଥଙ୍କ ଚକ୍ଷୁରେ । ଚାହୁଁ ଚାହୁଁ ତା'ର ରୂପ ବିସ୍ତାରିତ ହୋଇଯାଉଛି । ଦୀନନାଥ ଆଉ ତାଙ୍କ ଭିତରେ ବ୍ୟବଧାନ ନାହିଁ । ସତେ ଯେମିତି ସେ କହୁଛନ୍ତି, "ଆ, ଚାଲିଆ । ମିଶି ଯା, ଲୀନ ହୋଇ ଯାଆ ମୋ ଭିତରେ । ପଛକୁ ଚାହାଁନା କି ପଛକୁ ଅନାନା । ଦେଖ୍ ମୁଁ ଆଉ ତୁ । ଏକମାତ୍ର ସତ୍ୟ ଏବଂ ଶାଶ୍ୱତ । ତୋ ପଛପଟେ ଯାହା ସବୁ ରହିଛି, ସେଗୁଡ଼ିକ ସବୁ ଖେଳ, ସବୁ ମାୟା । ଭୁଲି ଯା' ସେ ସବୁ । ତୋ ମୋ ବ୍ୟତୀତ ଆଉ କିଛି ନାହିଁ, କେହି ବି ନାହିଁ । ବ୍ୟସ୍ତ ହ'ନା । ଚୁପ୍ ହୋଇ ମନକୁ ସ୍ଥିର କର । ନିଜ ଅନ୍ତର ଭିତରକୁ ଦେଖ, ସେଠି କେବଳ ମୁଁ । ସମ୍ମୁଖକୁ ଦେଖ୍, ସେଠି ବି ମୁଁ । ବାକି ସବୁ ମିଥ୍ୟା, ସବୁ ମାୟା, ସବୁ ଇନ୍ଦ୍ରଜାଲ । ଯାହା ହେବ ଠିକ୍ ହିଁ ହେବ, ଯାହା ହେଉଛି ଠିକ୍ ହେଉଛି, ଯାହା ହୋଇଛି ବୋଲି ଭାବୁଛୁ, ତାହା ବି ଠିକ୍ ହୋଇଛି । ଆଦୌ ବ୍ୟସ୍ତ ହ'ନା ।"

ଦୃଶ୍ୟ ହେଲା ନାତିର ମୁହଁ ।

"କାଳିଆ ! କହ, ମୁଁ କ'ଣ କରିବି ଏବେ ? ଅଜା ହୋଇ, ବାପ ହୋଇ, ଶ୍ୱଶୁର ହୋଇ, ସ୍ୱାମୀ ହୋଇ, ସମୁଦି ହୋଇ ଏତକ କଥା ଠିକ୍‌ରେ ବୁଝି ପାରିଲ ନାହିଁ । ଦୁନିଆ ଦାଣ୍ଡରେ ଲୋକହସା ହେବି ନାହିଁ ? ଦୀନନାଥ ! ତୁ ଏ ସାମାନ୍ୟ କଥାଟିକୁ କେମିତି ଗଡ଼ବଡ଼ କରିଦେଲୁ ?"

"ତୁ କିଛି ଭୁଲ କରି ନାହୁଁ । ତୋର ଯାହା କର୍ତ୍ତବ୍ୟ, ତୁ ତାହା ହିଁ କରିଛୁ ।"

"ମୋତେ ଏବେ କ'ଣ କରିବାକୁ ପଡ଼ିବ ?"

"ମହାମୃତ୍ୟୁଞ୍ଜୟ ମନ୍ତ୍ର ।" - ନିଜ ଅନ୍ତର ଭିତରୁ ଏହାହିଁ ଶୁଣାଗଲା ।

ଦୀନନାଥ ତାହାହିଁ କଲେ ଏବଂ ଅନୁଭବ କଲେ ଗୋଟିଏ ଦୃଢ଼ ବିଶ୍ୱାସ ତାଙ୍କ ଭିତରକୁ ଧସେଇ ପଶି ଆସିଲା । କିଛି ହୋଇନାହିଁ । ସବୁ ଠିକ୍ ଅଛି । ଏ ଥିଲା ଗୋଟିଏ ଖେଳ । ସଂଭ୍ରାନ୍ତୀୟ ଠକେଇ ।

ଦୁଇଘଣ୍ଟା ପରେ ଠାକୁର ଘରୁ ବାହାରି ଦେଖିଲେ, ଛୋଟିଆ ହାଟଟିଏ ବସିଛି ଘର ଭିତରେ । ସମୁଦି, ସାନ ସମୁଦି, ସାନ ସମୁଦୁଣୀ, ଦୀନନାଥଙ୍କ ସାନଭାଇ, କଳ୍ପଲତାଙ୍କ ଭାଇ,ଭାଉଜ,ପୁତୁରାଙ୍କ ଭିଡ଼ ଲାଗିଛି । ଦୀନନାଥ ଏମାନଙ୍କୁ ଦେଖି ମନେ ମନେ ଖୁସି ହେଲେ । ଏମାନଙ୍କ ଚର୍ଚ୍ଚାରେ କଳ୍ପଲତା ବ୍ୟସ୍ତ । କେବଳ ସମୁଦୁଣୀ ଭାଗ୍ୟବତୀ ଦେବୀ ଯାହା ଶୁଭଦା ପାଖରେ । ପୁଅ ପାଖରେ ଭବେଶ । ବାକି ସବୁ ଚାଲି ଆସିଛନ୍ତି ଘରକୁ । ଖବର ପାଇ ଯେଉଁମାନେ ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେହି ଡାକ୍ତରଖାନାରେ, କେହି ନର୍ସିଂହୋମ୍‌ରୁ ମୁହଁମାରି ନିଜ ନିଜ କର୍ତ୍ତବ୍ୟ ସାରି ଦେଇଛନ୍ତି । ଆଉ କେହି ସିଧାସଳଖ ଘରକୁ ଆସିଛନ୍ତି, ପରିସ୍ଥିତି ବୁଝି ଯିବେ ଡାକ୍ତରଖାନା କିମ୍ବା ନର୍ସିଂହୋମ୍ ।

ସେମାନଙ୍କ ସେବାରେ, ଖିଆପିଆରେ କଳ୍ପଲତା ଧନ୍ଦି ହେଉଛନ୍ତି । କିଏ ଖାଇଲା ନ ଖାଇଲା, କିଏ ସରବତ୍ ପିଇବ କିଏ ଥଣ୍ଡା ପିଇବ । ଏମିତି କାମ ଭିତରେ ସୁମତି, ଜୀତେଶ ଆଉ ଲିପୁ ବି ସହଯୋଗ କରୁଛନ୍ତି କଳ୍ପଲତାଙ୍କୁ ।

ଦୀନନାଥ ଖାଇ ବସିଲେ । ସକାଳଠୁଁ କଣିକାଟିଏ ପଡ଼ି ନାହିଁ ପେଟରେ । ଦେଖିଲେ ଭବେଶ ବି ଡାକ୍ତରଖାନାରେ, ସେ ବି ଏ ପର୍ଯ୍ୟନ୍ତ ଖାଇନାହିଁ ।

ଫୋନ୍ ଉଠେଇଲେ ଦୀନନାଥ । ଭବେଶ କହିଲା -

"ମୁଁ ଡାକ୍ତରଖାନାରେ ଅଛି ବାପା ! ଆପଣ ଖାଇସାରି ଆସିଲେ ମୁଁ ଯିବି ।" କିନ୍ତୁ ଜୀତେଶକୁ ପଠେଇଲେ ଦୀନନାଥ ଏବଂ ତୁରନ୍ତ ଆସିବାକୁ କହିଲେ ଭବେଶକୁ ।

ଖାଇବା ଭିତରେ ସମୁଦି କହିଲେ -

"ସତ୍ୟ ହୋଇ ନ ପାରେ, ମୋର ଅନୁମାନ, ଶୁଭଦାର ଡେଲିଭରୀ କିଞ୍ଚିତ ବିଳମ୍ବ ହୋଇଗଲା । ଯଦି ତାହା ଗତକାଲି ରାତିରେ ହୋଇଥାନ୍ତା, ତାହେଲେ ବୋଧହୁଏ ଆମ୍ଭେମାନେ ଏତେ ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତେ ! ଅବଶ୍ୟ ଆପଣ ଠିକ୍ ସମୟରେ ନେଇ ଶୁଭଦାକୁ ନର୍ସିଂହୋମରେ ଛାଡ଼ିଛନ୍ତି ।"

ଏଥିପୂର୍ବେ ହୁଏତ କିଛି ଆଲୋଚନା ହୋଇଯାଇଛି, ଯାହା ଠାକୁର ଘରେ ଥାଇ ଦୀନନାଥ ଶୁଣିପାରି ନାହାନ୍ତି । ତେଣୁ କିଛି ଉତ୍ତର କଲେ ନାହିଁ । ଭାବିଲେ, 'ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।' ମଣିଷ ପରିସ୍ଥିତିର ଦାସ । ପ୍ରକୃତି ଏବଂ ନିୟତି ଯାହା ସଜାଡ଼ି ରଖିଛି - ମଣିଷ ତା'କୁ ସାମ୍ନା କରିବାକୁ ବାଧ । ପୁନରାୟ ପ୍ରକୃତି କିମ୍ବା ଈଶ୍ୱର ସୃଷ୍ଟିର ପ୍ରତ୍ୟେକ ମା'ଙ୍କ ନିକଟରେ ସ୍ୱାଭାବିକ ପ୍ରଜନନର କ୍ଷମତା ଦେଇଛି, ଯାହାକୁ ଏ ମଣିଷ ବୁଝିବାକୁ ନାରାଜ ।

ଦୀନନାଥଙ୍କୁ ଏଇ ମୁହୂର୍ତ୍ତରେ ଆଉ ଗୋଟିଏ କଥା ଭଲ ଲାଗୁଥିଲା ଯେ, ଏପରି ଦୁଃସମୟରେ ଆତ୍ମୀୟସ୍ୱଜନମାନେ ତାଙ୍କ ପାଖରେ ଛିଡ଼ା ହୋଇ ପାରିଛନ୍ତି । କେହି ପାଶୋରି ଦେଇ ନାହାନ୍ତି ତାଙ୍କୁ ।

ଏତିକିବେଳେ ଭବେଶ ଆସି ପହଞ୍ଚିଲା, ନୋହିଲେ ସେ ମର୍ମରେ ଆହୁରି ଆଲୋଚନା ଅବ୍ୟାହତ ରହିଥାନ୍ତା ! ସେ କହିଲା -

"ଏବେ ପୁଅ ଭଲ ଅଛି । ଆଉ ଜଣେ ଡାକ୍ତର ରାଉଣ୍ଡରେ ଆସିଥିଲେ ଏବଂ ଦେଖିସାରି ସେ ଯାହା କହିଲେ, ତିନିଚାରି ଘଣ୍ଟାର ରହଣୀ ଭିତରେ ପିଲାର ଅସଂଭବ ଅଗ୍ରଗତି ହୋଇଛି । ମୁଁ ଏବେ ତୁରନ୍ତ ଖାଇସାରି ଡାକ୍ତରଖାନା ଫେରିଯିବି ।"

ଆଶ୍ୱସ୍ତ ହେଲେ ଦୀନନାଥ, ଆଉ ସେଠି ଉପସ୍ଥିତ ଥିବା ସମସ୍ତ ଆତ୍ମୀୟ ଓ ବଂଧୁବାନ୍ଧବ ମଧ୍ୟ । ଫାଲଗୁନ୍ ମାସର ମୃଦୁମଳୟ ପବନରୁ ଦଲକାଏ ଯେପରି ଘର ଭିତରକୁ ପଶି ଆସିଲା । ସମସ୍ତଙ୍କର କାନ ସଲ ସଲ କଲା । କିନ୍ତୁ ଦୀନନାଥ ଭାବୁଥିଲେ କାଳିଆ କଥା, ମହା ମୃତ୍ୟୁଞ୍ଜୟ ମନ୍ତ୍ରକଥା । ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଅସଂଭବ ଶକ୍ତି ଅଛି ବୋଲି ସେ ଶୁଣିଥିଲେ, ହେଲେ କେଉଁଠି ପ୍ରୟୋଗ କରି ନଥିଲେ । ସେମିତି କୌଣସି ଆବଶ୍ୟକତା ପଡ଼ି ନଥିଲା । ହଜାର ହଜାର ବର୍ଷତଳେ ଭାରତୀୟ ମୁନି ଋଷିଗଣ ଯେଉଁ ମହାନ୍ ମନ୍ତ୍ରଗୁଡ଼ିକର ସ୍ରଷ୍ଟା ଏବଂ ଦ୍ରଷ୍ଟା ଥିଲେ, ସେମାନଙ୍କୁ ମନେ ମନେ ପ୍ରଣାମ ଜଣେଇଲେ ସେ । ପ୍ରଭୁ ଜଗନ୍ନାଥ ତାଙ୍କ ଡାକ ଶୁଣିଛନ୍ତି । ସଂଧ୍ୟା ସୁଦ୍ଧା ଏସ୍.ଏନ୍.ସି.ୟୁ. ଭିତରୁ ଯଦି ନାତି ଫେରିଯାଏ ତା' ମା' କୋଳକୁ, ତା'ହେଲେ ସେ ସଂକଟମୁକ୍ତ ହୋଇଯିବେ ।

ଭବେଶ କଥାରେ କେହି କେହି ଉତ୍ସାହିତ ହୋଇ ଉଠିଲେ । ଟିକେ ଡାକ୍ତରଖାନା କିମ୍ବା ନର୍ସିଂହୋମ୍‌ରୁ ମୁହଁମାରି ଫେରିଯିବେ ଆପଣା ଆପଣା ଘରକୁ । ପରିସ୍ଥିତି ଯଦି ଠିକ୍ ଠାକ୍ ହୋଇଯାଏ, ତା'ହେଲେ ଆଉ ସମୟ ଅପଚୟ କରିବାର ଅର୍ଥ କିଛି ନାହିଁ ।

ଖାଇସାରି ଦଶଗୁଣ ଉତ୍ସାହରେ ଭବେଶ ଡାକ୍ତରଖାନା ଚାଲିଗଲାଣି । ଏତିକିବେଳେ ଶୁଭକାନ୍ତ ଫୋନ୍ କଲା ଚେନ୍ନାଇରୁ -

"ବାପା ! ପୁଅ କେମିତି ଅଛି ?"

"ନାତି ଏବେ ପୂରା ଭଲ ଅଛି । ଡାକ୍ତର ରିପୋର୍ଟ କରିଛନ୍ତି ସେ ସ୍ୱଭାବିକ ହୋଇ ଆସୁଛି । ଦ୍ରୁତଭାବେ ଅଗ୍ରଗତି କରୁଛି ତା'ର ଅବସ୍ଥା । ମୋର ଅନୁମାନ ଆଜି ସଂଧ୍ୟା ପୂର୍ବରୁ ସେ ହୁଏତ ସେଠାରୁ ରିଲିଜ୍ ହୋଇଯିବ । ଯାହାହେଉ, କାଳିଆ ଆମର ଡାକ ଶୁଣିଛନ୍ତି । ସଂକଟ ଟଳିଯାଇଛି ।"

"ହଁ, ମା'କୁ ଟିକେ ଫୋନ୍ ଦିଅ ।"

ଦୀନନାଥ କଳ୍ପଲତାଙ୍କୁ ଫୋନ୍ ଧରେଇ ଦେଲେ । କଳ୍ପଲତା ଓଦା ହାତକୁ ପଣତକାନିରେ ପୋଛି ପୋଛି ରୋଷେଇ ଘରୁ ବାହାରି ତାଙ୍କ ହାତରୁ ଫୋନ୍‌ଟିକୁ ଏକପ୍ରକାର ଝିଙ୍କି ନେଲେ ।

ତଥାପି ଦୀନନାଥ ଖୁସିଥିଲେ ଏବଂ ସେଇ ଖୁସିରେ ତାଙ୍କ ଆଖିକୁ ନିଦ ଘୋଟି ଆସିଲା । ସମସ୍ତେ ଯେଝା ଯେଝା ଗାଡ଼ିଧରି କେହି ନର୍ସିଂହୋମ୍, କେହି ଡାକ୍ତରଖାନା ବାହାରିଗଲେ ।

ଦୀନନାଥଙ୍କ ସାନଭାଇ ପ୍ରିୟନାଥ ଏପଟ ସେପଟ ହେଉଛି । ଖବର କାଗଜ ଖେଳଉଛି । ଖବର ପାଇ ସଂଗେ ସଂଗେ ଭୁବନେଶ୍ୱରରୁ ଆସିଛି । ତା'ର ଜଣେ ସାଂଗ ଏଠି ରୁହନ୍ତି । କଲ୍‌କରି ତାଙ୍କୁ ଅପେକ୍ଷା କରିଛି । ସେ ଗାଡ଼ିଧରି ପହଞ୍ଚିଲେ ସାଥୀହୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ଯିବେ ।

ଶୋଉ ଶୋଉ ଶୋଇଗଲେ ଦୀନନାଥ । ଉଠିଲାବେଳକୁ ଚାରିଟା ବାଜିଲାଣି । ଦେଖିଲେ ଏ ପର୍ଯ୍ୟନ୍ତ ବି ବ୍ୟସ୍ତ ଅଛନ୍ତି କଳ୍ପଲତା ଘର କାମରେ । ଘରେ ଆଉ କେହି କୁଆଡ଼େ ନାହାନ୍ତି ।

ତାଙ୍କର କପେ ଚାହା ଦରକାର । ଭରସି ପାରିଲେ ନାହିଁ କଳ୍ପଲତାଙ୍କୁ ମାଗିବାକୁ । ବାଧ୍ୟହୋଇ ନିଜ ହାତରେ ଚାହା କରି ପିଇଲେ ଏବଂ ପଚାରିଲେ -

"ତୁମେ ନର୍ସିଂହୋମ୍ ଯିବ ?"

"ଆଉ ଏଠି ?" - ସଂଗେ ସଂଗେ ଉତ୍ତର ମିଳିଗଲା ଦୀନନାଥଙ୍କୁ । ଆଉ ବାଧ କଲେ ନାହିଁ ତାଙ୍କୁ । ଏକୁଟିଆ ଗାଡ଼ିଧରି ଚାଲିଗଲେ ନର୍ସିଂହୋମ୍ ନୁହେଁ, ଡାକ୍ତରଖାନା, ନାତି ପାଖକୁ । ଏକାବେଳକେ ସେଠୁ ନାତିକୁ ଧରି ପହଞ୍ଚିବେ ନର୍ସିଂହୋମ୍‌ରେ, ଶୁଭଦା ପାଖରେ ।

ଏସ୍.ଏନ୍.ସି.ୟୁ. ପାଖରେ ଭବେଶ ଆଉ ପ୍ରିୟନାଥକୁ ଚୁପ୍‌ଚାପ୍ ଛିଡ଼ା ହୋଇ ଥିବାର ଦେଖି ପୁଣିଥରେ ଆଶଂକିତ ହୋଇ ପଡ଼ିଲେ ଦୀନନାଥ । ଚିନ୍ତା, ଭାବନା ଓ ମାନସିକ ଚାପରେ ସେମାନଙ୍କ ମୁହଁ ଝାଉଁଳି ଯାଇଛି ଏବଂ ଉଭୟେ ଛାତିରେ ବାହାଛକ ଦେଇ ଛିଡ଼ା ହୋଇଛନ୍ତି ସେହି ଅପନ୍ତରା ଭୂଇଁରେ । କେହି ବସୁ ନାହାନ୍ତି । ସେମିତି କିଛି କଥା ଭାଷା ନାହିଁ । ଚେୟାର୍ ଦୁଇଟାଯାକ ଫାଙ୍କା ।

'କ'ଣ ହୋଇପାରେ ?' - କିଛି ବି ଅନୁମାନ ଲଗେଇ ପାରିଲେ ନାହିଁ ଦୀନନାଥ । ପାଦ ଯୋଡ଼ିକ ଢ଼େର ଓଜନିଆ ମନେହେଲା ତାଙ୍କୁ । ପୁଣି ଆକାଶ ଦିଶିଲା ମେଘାଚ୍ଛନ୍ନ । ଅହେତୁକ ଆଂଶକାଟିଏ ସଂଚରିଗଲା ତାଲୁରୁ ତଳିପା ଯାଏଁ । ପାଖକୁ ଯାଇ ପଚାରିଲେ ପ୍ରିୟନାଥକୁ - "କ'ଣ ହେଲା, ନାତି କେମିତି ଅଛି ? ଏମିତି ଚୁପ୍‌ଚାପ୍ ଛିଡ଼ା ହୋଇଛ ?"

କିଛିକ୍ଷଣ ଉତ୍ତାରେ ପ୍ରିୟନାଥ ପାଟି ଖୋଲିଲା । କହିଲା -

"ଏଇ ଟିକେ ପୂର୍ବରୁ ଡାକ୍ତର ନୀଳମାଧବ ଆସିଥିଲେ । ପିଲାର କଣ୍ଡିସନ୍ ଡେଟୋରିଏଟ୍ କରୁଛି । ଚାରିଟା ବେଳେ ଫିଟିସ୍ ହୋଇଗଲା । କହି ଦେଇଗଲେ ଆହୁରି ଚବିଶ ଘଣ୍ଟା ୱାଚ୍‌ରେ ଏଠି ହିଁ ରହିବ । ତା'ପରେ ଯାହା କିଛି କହିହେବ ତା' ସଂପର୍କରେ ।"(କ୍ରମଶଃ)

ଭୋକ

ମୂଳ ହିନ୍ଦୀ- ସ୍ୱାମୀ ରାମ ରାଜ୍ୟମ୍

ଅନୁବାଦକ- ବିନୟ କୁମାର ଦାସ

ଟ୍ରେନ୍ ଚାଲିଥାଏ

ଭାଲେନ୍‌ଟାଇନ ଡେ' ବନାମ ଆମ ପରମ୍ପରା

ବିପିନ ବିହାରୀ ମହାନ୍ତି

'ଆସ, ଗହଳିରେ ନବସି କୋଉଠି ନିରୋଳାରେ ଏକାଠି ବସିବା,
ଯୋଉଠି ତୁମେ କେବଳ ତୁମେ ଥିବ ଏବଂ ମୁଁ କେବଳ ମୁଁ ଥିବି
ଅଥଚ ଆମେ କେହି ଏକା ଏକା ନଥିବା
ଯିଏ ଯାହା ଭାବିଲେ ବି ଆମେ ଚୁପ୍‌ଥିବା...।"

କବିତା; ମୁହଁ ସଞ୍ଜବେଳର ଗପ।

ଉପରୋକ୍ତ ପଙ୍କ୍ତିଟିର ଶ୍ଳେଷାତ୍ମକ ଅର୍ଥ ଥିଲେବି ଏହାର ଗୋଟିଏ ଅର୍ଥ ହେଉଛି ପ୍ରେମ ସଂପର୍କିତ କାହାଣୀ ଯେଉଁଠି ପ୍ରେମୀ ଯୁଗଳ ନିରୋଳାରେ ଓ ଏକାନ୍ତରେ ପରସ୍ପରର ସାନ୍ନିଧ ଲୋଡ଼ିଥା'ନ୍ତି। ଏହା ଏକ ଭୋକ ଯେଉଁଥିରେ ପେଟର ଭୋକଠୁ ମନ ଓ ଦେହର ଭୋକ ଅଧିକ, ଯେଉଁଥିପାଇଁ ନାନା ଶିହରଣ, ଉନ୍ମାଦ ଓ ଆବେଗ ଥାଏ।

ଯେଉଁଠି ହାରିଛି ବୟସ ହାରିଅଛି ଜାତି-ଧର୍ମ-ବର୍ଣ୍ଣ
ଖାଲି ଯାହା ହୃଦ ଦିଆନିଆ ପ୍ରେମ ଏକା ତା'ର ଅନ୍ୟନାମ॥

+ + + +

ଯେଉଁଠି ମନ ଚରିତାର୍ଥ ଦେହ ଭୋଗେ ଥାଏ
ମିଳନ ମଧୁର ବେଳ
ଏଣୁକରି ସିନା ଅପେକ୍ଷାରେ
ଏଠି ବହି ଯାଉଥାଏ କାଳ॥

କବିତା : ପ୍ରେମ ତା'ର ଅନ୍ୟନାମ।

ଏହିପରି ଏକ ଅନ୍ତର୍ଜାତିକ ଦିବସ ଫେବୃୟାରୀ ୧୪ ଯାହାକୁ ପ୍ରେମୀ ଯୁଗଳ ଅପେକ୍ଷା କରିଥାନ୍ତି। ଏହି ଦିବସଟିର ନାମ ଭାଲେଣ୍ଟାଇନ୍ ଡେ' ବା ଦିବସ ଯାହାକୁ ଉଦ୍‌ବିଗ୍ନତାର ସହ ପାଳନ କରାଯାଏ। ସେହିପ୍ରେମୀ ଯୁଗଳମାନଙ୍କ ଦ୍ୱାରା। ଏହି ଦିବସଟି ପ୍ରେମ ଦିବସ ରୂପେ ଯଦିଓ ଯୁବପିଢ଼ୀମାନେ ମନ ଓ ହୃଦୟଦେଇ ଏହାକୁ ଉପଭୋଗ କରନ୍ତି, ଏଥିରୁ ବୟସ୍କମାନେ ବି ବାଦ୍ ଯାଆନ୍ତି ନାହିଁ। କାରଣ ସେମାନେ ପାରିବାରିକ ଦାମ୍ପତ୍ୟ ଜୀବନ ଭିତରେ ଥିଲେବି ଭିନ୍ନ ଉପଭୋଗ ପାଇଁ ଲାଳାୟିତ।

ପୁନଶ୍ଚ ମନ ଯେହେତୁ ଦ୍ୱିତୀୟ ଈଶ୍ୱର, ସେ ତ' ଚିରନ୍ତନ। ଚିରଚଞ୍ଚଳ। ମନ ଯାହା ଚାହେଁ ସେଥିପାଇଁ ତା'ର ଦୌଡ଼ ଚାଲିଥାଏ। କବିର ଭାଷାରେ : ମନ ପାଇଁ ନାହିଁ ପଘା, ଇଚ୍ଛିଲା ତାଳକୁ ବାସିବାକୁ ଧାଏଁ, ଯେତେବି ଲଗାମ ଲଗା॥

ପ୍ରେମ ଯୁଗେ ଯୁଗେ ମଧୁର ଏବଂ ସ୍ୱର୍ଗୀୟ। ଏଣୁ ଏଥିପାଇଁ ସମସ୍ତେ ବ୍ୟାକୁଳ। ଏମିତି ଜଣେ ନାହିଁ ଯିଏ କାହାକୁ ଭଲପାଇ ଶିଖିନାହିଁ। ସେକସ୍‌ପିଅର କହିଥିଲେ : ଯଦି କେହି କାହାକୁ ଭଲ ପାଇନାହିଁ ବା ଭଲ ପାଏ ନାହିଁ ପ୍ରମାଣ କରିଦେବ, ମୁଁ କଲମ ଛାଡ଼ିଦେବି।

ଯାହା ସଚ୍ଚାପ୍ରେମ, ସେ କ୍ଷେତ୍ରରେ ପ୍ରେମୀଯୁଗଳ ଯେ କୌଣସି ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଥାଆନ୍ତି। ଏମିତିକି ମୃତ୍ୟୁକୁ ବି ଆନନ୍ଦର ସହିତ ଆଲିଙ୍ଗନ କରିଥାନ୍ତି। ଏ ପ୍ରେମରେ ଦୈହିକ ସଂପର୍କ ଅପେକ୍ଷା ମନ ଓ ହୃଦୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

ଏବେ ବିଚାରିବା ଭାଲେଣ୍ଟାଇନ୍ ଦିବସ କ'ଣ। ସତରେ ଏହା ଏକ ପ୍ରେମ ଦିବସ? ଯଦି ଏହା ସତ୍ୟ, ତାହା କି ପ୍ରକାର ପ୍ରେମ ଦିବସ? କ'ଣ ଖାଲି ଦେହ ଭୋଗ, ଯାଯାବରୀ ସଂପର୍କ ନା' ଆଉକିଛି।

ରୋମ ସମ୍ରାଟ କ୍ଲାଇଡ଼ିସ୍ ସୈନିକମାନଙ୍କ ବିବାହ ଉପରେ ଏକ ନିଷେଧାଜ୍ଞା ଜାରି କରିଥିଲେ ଯେ ସେମାନେ ବିବାହ କରିପାରିବେ ନାହିଁ। ଯଦି କରନ୍ତି ବିବାହ ଜନିତ ବୀର୍ଯ୍ୟକ୍ଷୟ ହେତୁ ସେମାନେ ଦୁର୍ବଳ ହୋଇଯିବେ। ତାଙ୍କର ଏକଥା ଖାଲି ସୈନିକମାନଙ୍କୁ ବାଧି ନଥିଲା, ସେମାନଙ୍କର ଜଣେ ଶୁଭ ଚିନ୍ତକ ଭାଲେଣ୍ଟାଇନ୍‌କୁ ବାଧିଥିଲା। ସେ ଗୁପ୍ତରେ ଏ ସୈନିକମାନଙ୍କୁ ବିବାହ କରାଇ ଦେଉଥିଲେ। ଏକଥା ସମ୍ରାଟ ଜାଣିଲେ ଏବଂ ତାଙ୍କୁ ବନ୍ଦୀ କଲେ ଓ ପରେ ଫାଶୀ ଦେଲେ। ଏହାର ଅନେକ ଦିନପରେ ସ୍ୱୀକାର କରାଗଲା ଯେ ସେ ଯାହା କରୁଥିଲେ, ମଙ୍ଗଳ କରୁଥିଲେ। ତାଙ୍କ ପ୍ରତି ଏହା ଏକ ବଡ଼ ଅପରାଧ କରାଯାଇଛି। ଏହା ଅନୁତାପ କରାଗଲା ଏବଂ ତାଙ୍କୁ ଜଣେ ସେଣ୍ଟ ବା ସନ୍ଥବୋଲି ଘୋଷଣା କରାଗଲା। ତେବେ ଯେଉଁଦିନ ତାଙ୍କୁ ଫାଶୀ ଦିଆଗଲା, ତାହାଥିଲା ୧୪ ଫେବୃୟାରୀ। ଏହି ଦିବସଟି ତାଙ୍କ ପାଇଁ ଏକ ସମ୍ମାନର ଦିବସ। ଯେହେତୁ ସେ ଯୁବପିଢ଼ୀଙ୍କ ବଂଚିତ ଦେହର ଭୋକର ଚରିତାର୍ଥ ପାଇଁ ବଳିରେ ଚଢ଼ିଥିଲେ ଯୁବଗୋଷ୍ଠୀ ଗଭୀର ଭାବରେ ତାଙ୍କ ଶ୍ରଦ୍ଧା ସୁମନଞ୍ଜାପନ କରିବା କଥା ଏବଂ ପରସ୍ପର ପ୍ରତି ଫୁଲ, କୌଣସି ବସ୍ତୁ ଅଥବା ଅଭିନନ୍ଦନ ପତ୍ରଦ୍ୱାରା ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା କଥା; କିନ୍ତୁ ନିଜ ନିଜ ଭିତରେ କୌଣସି ଉତ୍‌ଙ୍ଗଳିତ ସାମାଜିକ / ଚରିତ୍ରନୀକ ପ୍ରେମରେ ମାତି ରହି ନୁହେଁ। ଏକଥା କରିବା ପାଇଁ ଏ ଦିବସ ନିମନ୍ତେ ସେମିତି କିଛି ଲିପିବଦ୍ଧ ନାହିଁ।

ସେତେବେଳେ ରୋମର ସୈନିକମାନେ ଗୋଟେ ଗୋଷ୍ଠୀ ଥିଲେ। ସେମାନେ ବିଶ୍ୱକୁ ପ୍ରତିନିଧିତ୍ୱ କରୁନଥିଲେ। କାରଣ ଅନ୍ୟତ୍ର ସୈନ୍ୟମାନେ ବିବାହରୁ ବଂଚିତ ନଥିଲେ। ଯେଉଁ ଦେଶ ପାଇଁ ଯାହା ଉଦ୍ଦିଷ୍ଟ, ସେମାନେ ତାକୁ ଯେମିତି ପାଳନ କରୁଛନ୍ତି, କରନ୍ତୁ। ଭାରତର ଅଗଷ୍ଟ ପନ୍ଦରକୁ ଅଭାରତୀୟ ପାଳିବେ କିଆଁ? ଯାହା ମୋ ସଭ୍ୟତା, ପରମ୍ପରା ଓ ଚାଲିଚଳନ ନୁହେଁ, ତାକୁ ଅନ୍ଧ ଅନୁକରଣ କରିବା ବୋକାମି ନୁହେଁକି? ଭାରତୀୟ ସଭ୍ୟତା ମହାନ୍, ଭାରତ ମହାନ୍। ଏହାକୁ ଅନ୍ୟମାନେ ଅନୁକରଣ କରନ୍ତି। କଥାରେ ଅଛି : ଯାହା ନାହିଁ ଭାରତେ ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ଯୋଉ ଆଦର୍ଶ କି ଅନ୍ୟକିଛି ନାହିଁ, ତାହା ପୃଥିବୀରେ ନାହିଁ।

ଭାଲେଣ୍ଟାଇନ୍ ଦିବସ ବର୍ତ୍ତମାନ ସଚରାଚର ହଡ଼ା ମାତିବା ନ୍ୟାୟରେ ଯେମିତି ଚାଲିଛି, ଏହାର କୌଣସି ଆଦର୍ଶଗତ ପ୍ରମାଣ ନାହିଁ। ଏହା ଏକ ପ୍ରଦ୍ୟୁଷିତ ପରମ୍ପରା ବିଶେଷକରି ଆମ ଭାରତୀୟ ଯୁବପିଢ଼ୀମାନେ ଏହାକୁ ସ୍ୱାଗତ କରିପାରନ୍ତି। ହେଲେ ସେମାନେ କ'ଣ ଭାଲେଣ୍ଟାଇନ୍ ଦିବସ ପାଳନ ଅବସରେ ଆମ୍ଭମାନଙ୍କର ପ୍ରେମର ପ୍ରତୀକ ପୃଥ୍ୱୀରାଜ - ସଂଯୁକ୍ତା, କେଦାର-ଗୌର, ଜାହାଙ୍ଗୀର-ନୂରଜାହାନ୍, ଶାହାଜାହାନ-ମମତାଜ', ରାଧା-କୃଷ୍ଣ, ଲୈଲା-ମଜୁନୁ ହୋଇପାରିବେ? ଗଢ଼ିପାରିବେ ପ୍ରେମର କୋଣାର୍କ।

ଆସ ଆମ ଭିତରେ ଆମେ ବଂଚିବା। ଆମଠୁ ଅନ୍ୟମାନେ ଶିଖନ୍ତୁ। ଅନ୍ୟପକ୍ଷରେ ଯଦି ଏ ଦିବସଟି ଆମେ ପାଳିବାକୁ ଇଚ୍ଛା କରୁଛେ, ଏହା ପିତୃମାତୃ ପୂଜନ ଦିବସ ହେଉ। କାରଣ ସେମାନଙ୍କ ପ୍ରତି ଆମର ଅବହେଳା ମୁଣ୍ଡ ଟେକିଲାଣି।

ପୁଣି ପ୍ରଶ୍ନ ଉଠେ, ଆମର ଯେଉଁଠି ପ୍ରେମର ଦିବସ ଅଛି, ପୁଣି କାହିଁକି? ଆମକୁ ଛାଡ଼ି ଆମେ ଅନ୍ୟକୁ ଆପଣେଇବୁ କିଆଁ? ଆମର ଯମୁନା ଅଛି, ଆମେ ସାଗର ସୈକତ ଯିବୁ କିଆଁ? ଆମର ତମାଳ ବା କଦମ୍ବ ଅଛି; ଆମେ ଲଜ ବା ପାର୍କ ଯିବୁ କିଆଁ। ଯେଉଁଠି ପ୍ରକୃତି ଆମ ପାଇଁ ଛିଡ଼ା ହୋଇଛି, ଆମେ କୃତ୍ରିମକୁ ଦୌଡ଼ିବୁ କିଆଁ? ଆମ ପାଇଁ ଆମ ପ୍ରେମୋତ୍ସବ ହୋଲି ବା ବସନ୍ତୋତ୍ସବ ଅପେକ୍ଷା କରିଛି; ଆସୁନ ଏହାକୁ ମନଭରି ଉପଭୋଗ କରିବା।

ଜାଣ ଯେ ଆମ ପରମ୍ପରାକୁ ଅନ୍ୟମାନେ ଅନୁକରଣ କରୁଛନ୍ତି। ଏହାତ ଅନୁକରଣୀୟ ଏବଂ ଗ୍ରହଣୀୟ ।

ମାନୁଛୁ, ବର୍ତ୍ତମାନର ପଥଭ୍ରଷ୍ଟ ଯୁବଗୋଷ୍ଠୀଙ୍କୁ ଆମେ ଯେତେ ବୁଝାଇଲେ, ସେମାନେ ବୁଝିବେ ନାହିଁ। ତଥାପି ଗୋଟିଏ କାହାଣୀ କହି ଏ ଆଲୋଚନା ଏଇଠି ରଖୁଛି:

ପୁରୀରେ ଯାତ୍ରୀ ବ୍ୟବସାୟୀ କରି ପଢ଼ିଲା ବେଳେ, ମୁଁ ବିଦେଶୀ ପର୍ଯ୍ୟଟକମାନଙ୍କର ପଥ ପ୍ରଦର୍ଶକ ବା ଗାଇଡ଼ ଥିଲି। ଏକଦା ଦୁଇଜଣ ଆମେରୀକୀୟ ଅଧ୍ୟାପକ ଓ ଅଧ୍ୟାପିକା ମୋ ହାବୁଡ଼େ ପଡ଼ିଲେ। ମୁଁ ତାଙ୍କ ସହିତ ସାତଦିନଥିଲି। ଶେଷ ଦିନ ଦେଖିଲି ଯେ ସେ ଅଧ୍ୟାପିକା ଶାଢ଼ୀ ଏବଂ ଅଧ୍ୟାପକ ଧୋତି ପଞ୍ଜାବୀ ପିନ୍ଧିଛନ୍ତି। ମୋତେ ଆଶ୍ଚର୍ଯ୍ୟ ଲାଗିଲା। ପଚାରିଲି : ଆପଣ ଆମ ପୋଷାକରେ!

ସେ କହିଲେ : ଓଡ଼ିଶାର ପାଣିପାବନ ଏବଂ ସାଂସାରିକ ସାମାଜିକ ଜୀବନ ଆମକୁ ଭଲ ଲାଗିଛି। ଆମେ ବହୁତ କଥା ଶିଖିଛୁ ଏବଂ ନିଷ୍ପତି ନେଇଛୁ...।

'କ'ଣ ନିଷ୍ପତି ନେଇଛନ୍ତି?'

'ଏ ଅଧ୍ୟାପିକା ମୋର ୧୩ ନମ୍ବର ସ୍ତ୍ରୀ, ମୁଁ ତାଙ୍କ ୧୪ ନମ୍ବର ସ୍ୱାମୀ। ଭାବିଛୁ : ଆମେ ଭାରତୀୟମାନଙ୍କପରି ଅବଶିଷ୍ଟ ଜୀବନ ସ୍ୱାମୀ ସ୍ତ୍ରୀ ହୋଇ ବଂଚିବୁ। ଭାରତୀୟ ସାଂସାରିକ ଦାମ୍ପତ୍ୟ ଜୀବନ ବହୁତ ମଧୁର। ଭାରତ ମହାନ୍।

ଏଥିରୁ କ'ଣ କିଛି ଶିଖିବାର ନାହିଁ।

ସତରେ ଭାରତ ମହାନ୍। ଆମ ସଂସ୍କୃତି ଓ ପରମ୍ପରା ମହାନ୍। ଆସ ଆମେ ଆମର ଭିତରେ ବଂଚିବା। ହଂସପରି କାହାଠୁ କ୍ଷୀରକୁ ଗ୍ରହଣ କରିବା ପାଣି ନୁହେଁ।

+ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ରଜନୀଙ୍କ ରାଜଧାନୀ ଗୁଗୁଲ୍

॥ କରୋନା ମୁକ୍ତ ଜୟଦେବ ॥

କିଛିଦିନ ତଳେ ଆମେ ଏହି ସ୍ତମ୍ଭରେ "ଜୟଦେବଙ୍କୁ ଜଗନ୍ନାଥ ଭରସା" ଶୀର୍ଷକରେ ଲେଖାଟିଏ ଛାପି ବିଶ୍ୱପ୍ରସିଦ୍ଧ କବି ଜୟଦେବଙ୍କ କେନ୍ଦୁଲିସ୍ଥିତ ପୁଣ୍ୟପୀଠରେ ବିକାଶ କିପରି ଅଚଳ ହୋଇପଡ଼ିଛି ସେ ବିଷୟରେ ଆଲୋଚନା କରିଥିଲୁ । କରୋନା ଆଳରେ ଏହିପୀଠର ବିକାଶ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା । କିଛିବର୍ଷ ପୂର୍ବେ ବିକାଶ ନିମନ୍ତେ ମଂଜୁର ହୋଇଥିବା ପ୍ରାୟ ସାତକୋଟି ଟଙ୍କା ବିନିଯୋଗ ହୋଇପାରୁନଥିଲା । ଏ ସଂପର୍କରେ କେତେ ସଫେଇ ଦିଆଗଲେ ହେଁ ଗୋଷ୍ଠୀକନ୍ଦଳ ଓ ଉଦାସୀନତା ଏହାର ପ୍ରମୁଖ କାରଣ ବୋଲି ଧରାଯିବ । ତେବେ ଆଶ୍ୱାସନାର ବିଷୟ ଯେ ବିଳମ୍ବରେ ହେଲେ ମଧ୍ୟ ନେତା ଓ ପ୍ରଶାସନିକ ଅଧିକାରୀମାନଙ୍କର ନିଦ ଭାଙ୍ଗିଛି । ଖୁବ୍‌ଶୀଘ୍ର ପୀଠର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ।

ତେବେ ଜୟଦେବଙ୍କ ନିମନ୍ତେ ନାମିତ ହୋଇଥିବା ଜୟଦେବ ନିର୍ବାଚନ ମଣ୍ଡଳୀ ଯେ ସଂପୂର୍ଣ୍ଣ ଭାବରେ କରୋନା ମୁକ୍ତ ଏକଥା ଆମ୍ଭ ଦୃଢ଼ ଧାରଣା ହୋଇଛି । ଅବଶ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କି ଜିଲ୍ଲା ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିନାହାନ୍ତି, ତେବେ କେତେକ ଘଣାବଳୀକୁ ତର୍କମା କଲେ ଏହା ସଫା ଜଣାପଡୁଛି । ଡିସେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ଏକ ମହୋତ୍ସବକୁ ଶେଷ ମୁହୂର୍ତ୍ତରେ ବାତିଲ କରିଯାଇଥିଲା ଖାସ୍ କରୋନା ବ୍ୟାପିବା ଆଳରେ । କିନ୍ତୁ ପରେପରେ ଦଳର ପ୍ରତିଷ୍ଠା ଦିବସ ପାଳନ ଓ ଭିନ୍ନ ଭିନ୍ନ ଉତ୍ସବ, ମହୋତ୍ସବ ଯେଉଁଭଳି ଅନୁଷ୍ଠିତ ହେଉଛି ସେଠି କେତେ ଦୂର କରୋନା ନିୟମ ପାଳିତ ହେଉଛି ସେକଥା ଦେଖଣାହାରି ହିଁ ମତ ଦେବେ । ନିକଟରେ ଏହି ନିର୍ବାଚନ ମଣ୍ଡଳୀରେ ଅନ୍ୟଏକ ଭବ୍ୟ ମହୋତ୍ସବର ଆୟୋଜନ କରାଯାଇଥିଲା । ବହୁ ନେତା, ଜନତା କଳାକାରଙ୍କ ଗହଣରେ ମହୋତ୍ସବଟି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ତେବେ ପୂର୍ବ ମହୋତ୍ସବଟିକୁ ବାତିଲ କରିବାକୁ ଯେଉଁଭଳି ତତ୍ପରତା ପ୍ରକାଶ ପାଇଥିଲା ଏଥିରେ ସେପରି କିଛି ଦେଖାଗଲା ନାହିଁ । କିନ୍ତୁ ଜନତା ପ୍ରଚଳିତ ଓଡ଼ିଆ ଢ଼ଗଟିକୁ ମନେ ପକାଉଛନ୍ତି, "ତୁ ଗୁହାରୀ କରିବୁ ଯାହାକୁ.... ।" ଚାଲୁ ଚାଲୁ ସଂସ୍ଥା ଚାଲୁ, ରାଜନୀତି କାହିଁକି ?

॥ ସାଂସଦ ନିରୁଦ୍ଦିଷ୍ଟ ॥

ବିବାଦୀୟ ବାଇଲ' ଶ୍ରୀକ୍ଷେତ୍ରରୁ ପ୍ରତ୍ୟାହାର ପରେ ଏକାମ୍ରକ୍ଷେତ୍ରିଆ ଭାବିଥିଲେ ଅନୁରୂପ ଭାବରେ ଲିଙ୍ଗରାଜ ମନ୍ଦିର ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ହେଲେ ସେଭଳି କିଛି ହେଲାନାହିଁ । କେନ୍ଦ୍ରର ଏଭଳି ଦୋମୁହାଁ ନୀତି ଭକ୍ତ ତଥା ରାଜଧାନୀବାସୀଙ୍କ ମାର୍ମିକ ଭାବାବେଗକୁ ଆଘାତ ଦେଇଛି । ତେବେ ବେଶୀ ଆଘାତ ଦେଉଛି ସାଂସଦ ଅପରାଜିତାଙ୍କ ଏ ସଂପର୍କରେ ନିରବତା । କିଛି ଅସନ୍ତୁଷ୍ଟ ବ୍ୟକ୍ତି ସହର ସାରା "ସାଂସଦ ନିରୁଦ୍ଦିଷ୍ଟ"ପୋଷ୍ଟର ଲେଖାଇଛନ୍ତି । ସେଥିପାଇଁ ଦୁଇଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ । ମାମଲା ଯାଇ ଥାନାରେ, ତେବେ ଏହି ପୋଷ୍ଟର ମରା ପଛରେ କଂଗ୍ରେସିଆ କି ବିଜେଡ଼ି ଦଳିଆ ନାହାନ୍ତି ବରଂ ସାଂସଦଙ୍କ କିଛି ପଦ୍ମଦଳିଆ ବିରୋଧୀଙ୍କ କାମ ବୋଲି କେହି କେହି ନିନ୍ଦୁକ ମତବ୍ୟକ୍ତ କରୁଛନ୍ତି । ଅବଶ୍ୟ ଏହାର ସତ୍ୟାସତ୍ୟ ଅନୁସନ୍ଧାନ ସାପେକ୍ଷ ।



॥ ପଲଙ୍କ ॥



ନରେନ୍ଦ୍ରନାଥ ମିତ୍ର (୧୯୧୬-୧୯୭୫)

ମଣିଷ ଧନୀ ହେଉ କି ଗରିବ ତା ଭିତରର ଆତ୍ମସମ୍ମାନ ଟିକକ ତାକୁ ବିପରୀତ ପରିସ୍ଥିତିରେ ସୁଦ୍ଧା ମୁଣ୍ଡ ନୁଏଇଁବାକୁ ବାରଣ କରେ । ପେଟରେ ପେଟେ ଭୋକ କିମ୍ବା ଅସୁରକ୍ଷାର ବୋଧ ଗୋଟାପଣେ ଗ୍ରାସ କରି ପାରେନି ତାକୁ । ସେ ବଞ୍ଚେ, ମୁଣ୍ଡ ଟେକି । ଦେଶ ବିଭାଜନ ସମୟରେ, ଯେତେବେଳେ ଧର୍ମର ଅଫିମରେ ମଦମସ୍ତ ହୋଇ ଅଧିକାଂଶ ମଣିଷ ପଶୁ ସମ ହିଂସ୍ର ଆଚରଣ କରୁଥିଲେ ସେଇ ସମୟରେ ଗୋଟେ ପଲଙ୍କକୁ ନେଇ ଉପୁଜିଥିବା ବାଦ ବିବାଦ ସ୍ଥାନ ପାଇଛି ପ୍ରଖ୍ୟାତ ବଙ୍ଗଳା ଗାଳ୍ପିକ ନରେନ୍ଦ୍ରନାଥ ମିତ୍ରଙ୍କ ଗଳ୍ପରେ । ଧନୀ ଓ ଗରିବ ଉଭୟେ ବଞ୍ଚିଛନ୍ତି ଆପଣା ଆତ୍ମସମ୍ମାନ ସହ । ବଙ୍ଗଳା ଗଳ୍ପସାହିତ୍ୟରେ କାଳଜୟୀ ହୋଇ ପାରିଛି 'ପଲଙ୍କ' ।

ବୃଦ୍ଧ ରାଜମୋହନ ରାୟଙ୍କ ପାଖକୁ ଚିଠି ଆସିଛି କଲିକତାରୁ । ବୋହୂ ଲେଖିଛି । କେତେ ସୁନ୍ଦର ଇଂରାଜୀ ହସ୍ତାକ୍ଷର ତା'ର ! ବୃଦ୍ଧ ନିଜ ଘରେ କାମ କରୁଥିବା ଲୋକଙ୍କୁ ଡାକି ଦେଖାଉଛନ୍ତି । ଚାନ୍ଦିପୁରର ଅମ୍ବିକା ବୋଷଙ୍କ ନାତୁଣୀ ଯେ ! ଖାନ୍‌ଦାନୀ ପରିବାରର ଝିଅ । ଛାତିରେ ଛାତିଏ ଆତ୍ମବଢ଼ିମାର ଭାବ ସହ ବୃଦ୍ଧ ଚିଠିଟିକୁ ଲଫାଫା ଭିତରୁ କାଢ଼ି କାଲୁକୁ ଦେଖାଇ କହନ୍ତି, ଜଣେ ଓକିଲ ୟା'ଠୁଁ ଭଲ ଲେଖିପାରିବ ବୋଲି ତୁ ଭାବୁଛୁ ? ମକ୍‌ବୁଲ୍‌କୁ ବି ଦେଖାନ୍ତି । ବୋହୂ ଲେଖିଥାଏ, "ବାପା, ତୁମେ ସେଠି ଏକା ରହୁଥିବାରୁ ଆମେ ଉଭୟେ ଭାରି ଚିନ୍ତିତ । ବୃଦ୍ଧାବସ୍ଥାରେ ପାଖରେ କେହି ନାହାନ୍ତି ସେବା କରିବାକୁ । କ'ଣ କରାଯିବ ? ତୁମେ ତ କାହାରି କଥା ଶୁଣିଲନି । ଯାହା ହୋଇଗଲେ ବି ଭିଟାମାଟି ଛାଡ଼ିବାକୁ ନାରାଜ । ଆଖପାଖର ସାଇପଡ଼ିଶା କେବେଠାରୁ ଜମିବାଡ଼ି ବିକି ଚାଲିଆସିଲେଣି । ସେମାନେ ଖୁବ୍ ଆରାମ୍‌ରେ ଚଳୁଛନ୍ତି । ଆପଣ ତ ବୁଝୁନାହାନ୍ତି । ଦେଖିବେ ସବୁ ଧନସମ୍ପତ୍ତି ସେଠିକାର ପଠାଣମାନେ ଦିନେ ଲୁଟିନେବେ । ଜିନିଷ ଆପଣଙ୍କର, ଯାହା ଇଚ୍ଛା ତାହା କରନ୍ତୁ । ଚିଠି କାହିଁକି ଲେଖିଥିଲି କି, ଏଠି ବେଲେଘାଟା ଠାରେ ଖୁବ୍ ଅସ୍ୱାସ୍ଥ୍ୟକର ପରିବେଶ । ପିଲାଏ ତଳେ ଶୋଉଥିବାରୁ ତାଙ୍କୁ ଜ୍ୱର ଧରିଲାଣି । ଔଷଧପତ୍ରକୁ ପଇସା ଅଣ୍ଟୁନି । ଖଟ କିଣିବୁ କେମିତି ? ସେଠି ଘରେ ଥିବା ପଲଙ୍କଟିକୁ, ଯେଉଁଟା ମୋ ଜେଜେବାପା ମୋତେ ଯୌତୁକରେ ଦେଇଥିଲେ, ବିକି ଦିଅନ୍ତେନି ? ସେଇ ପଇସାରେ ଛୁଆଙ୍କ ଲାଗି କିଛି ଖଟ କିଣନ୍ତୁ ଆମେ । ଆପଣ ମନା କରିବେନି ବୋଲି ଭାବୁଛି । କାରଣ ତାହା ଆପଣଙ୍କର ନୁହେଁ ମୋ ଯୌତୁକ ଜିନିଷ । କିଏ ପଚାରିଲେ କହିବେ, କେହି ଶୋଇବାକୁ ନାହାନ୍ତିତ ତେଣୁ ବିକ୍ରି କରିଦେଉଛି । ସେମିତି ପଡ଼ି ରହିଲେ ଉଇ ଖାଇବା ହିଁ ସାର ହେବ ।"

ରାଜମୋହନ ଭୀଷଣ ରାଗରେ ଚିଠିଟିକୁ ଫିଙ୍ଗି ଦେଇ କାଲୁକୁ ଆଦେଶ ଦିଅନ୍ତି ଘର ଭିତରୁ ପଲଙ୍କଟିକୁ ଘୋଷାଡ଼ି ଆଣି ବାହାରେ ପକେଇଦେବାକୁ । ବାହାରେ ପଡ଼ି ପଡ଼ି ନଷ୍ଟ ହୋଇଯାଉ । ବୋହୂ ଲେଖିଛି ତାହା ତାଙ୍କ ଜିନିଷ ହୋଇ ନଥିବାରୁ ତାଙ୍କର ଆପତ୍ତି ନରହିବା କଥା । ହୁଁ.... ରଖିବେ ତୋ ଜିନିଷ । ଏମିତି ପଲଙ୍କ ମୁଁ ହଜାରେ ଗଣ୍ଡା ଦେଖିଛି.... । ପୁଅବୋହୂଙ୍କ ଶୋଇବା ଘରେ ପଲଙ୍କଟି ପଡ଼ିଥାଏ । ତାକୁ ଧୂଳିରୁ ରକ୍ଷା କରିବା ପାଇଁ ଢାଙ୍କି ଦେଇଥାନ୍ତି ଗୋଟେ ଚାଦର । ରାଜମୋହନ ପ୍ରତିଦିନ ନିଜ ଗାମୁଛାରେ ତାକୁ ଝାଡ଼ନ୍ତି । ସତର୍କ ଥା'ନ୍ତି କାଳେ ଉଇ ଲାଗିଯିବ ବୋଲି । ହେଲେ ଆଉ ନୁହେଁ, ବହୁତ ହୋଇଗଲା । ଛୋଟ୍‌ଲୋକ୍ ଘର ଝିଅ ତ, ଶଃ... ଶେଷକୁ କହିଦେଲା ଏଇଟା ତାଙ୍କ ଜିନିଷ ନୁହେଁ ବୋଲି । ମକ୍‌ବୁଲ ଓ କାଲୁ ଉଭୟଙ୍କୁ ଡାକନ୍ତି ଖଟଟିକୁ ବାହାରକୁ ବାହାର କରିଦେବା ପାଇଁ । ବାଘର ପଞ୍ଜା ଆକୃତିର ଗୋଡ଼ ଓ କୁଟିକମ ଭରା ଶାଗୁଆନ କାଠର ପଲଙ୍କଟି ଦେଖି ମକ୍‌ବୁଲ୍‌ର ଆଖି ଝଲସି ଯାଏ, ଲୋଭ ଦେଖାଦିଏ ମନରେ । ଏଇ ପଲଙ୍କଟି ତାକୁ ବିକିଦେବେ କି ବୋଲି ପଚାରେ । ଯଦି ବିକିବେ ତେବେ ସେ ପଇସା ଦେଇ କିଣିନେବ । ସେମିତି ବି ରାଗି ପିଙ୍ଗିଦେବେ ବୋଲି କହୁଛନ୍ତି । ସେଇ ଛୋଟ୍‌ଲୋକ୍‌ର ଝିଅ ଯେମିତି ତାଙ୍କ ଅପମାନ କରିଛି ତା ପଲଙ୍କ ପାଇଁ ଉପଯୁକ୍ତ ସ୍ଥାନ ହେବ ଏଇ ମଜୁରିଆର କୁଡ଼ିଆ ବୋଲି ଭାବି ରାଜମୋହନ ରାଜି ହୋଇଯ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ଜାନୁଆରୀ, ୨୦୨୧
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ଆଉଜା କବାଟ (୨୭)

ଦଲାଲମୁକ୍ତ ସାହିତ୍ୟ : ଏକ ଆହ୍ୱାନ

ଡ. ରାଧାରଂଜନ ପଟ୍ଟନାୟକ

॥ ଭାଗ-୨ ॥

(ପୂର୍ବପ୍ରକାଶିତ ଉତ୍ତାରୁ...) କବି ବା ଲେଖକ ଭାଗବତରେ ବର୍ଣ୍ଣନା କରାଯାଇଥିବା ଠିକ୍ ଅବଧୂତ ପରି। "ସେ ପାଠକମାନଙ୍କୁ ଚବିଶ ଗୁରୁର ସମ୍ବାଦ ଶୁଣାଇବ, ଅଥଚ ନିଜେ ରହିବ ଅନାସକ୍ତ। ପାଠକମାନେ ଯଦୁ ରାଜା ତୁଲ୍ୟ ଅବଧୂତ କଙ୍କକବିଠାରୁ ଜୀବନ, ଜୀବିକା ଓ ଜଗତ ସମ୍ପର୍କରେ ସମ୍ବାଦ ଶୁଣି ଗଢ଼ିନେଲେ ହେଲା।" (ସାମ୍ପ୍ରତିକ ସାହିତ୍ୟର କୁଳଶୀଳ : ଡ. ଶରତ ଚନ୍ଦ୍ର ପ୍ରଧାନ, ପୃଷ୍ଠା - ୨୫) କବିଟିଏ କବିତାର କୈବଲ୍ୟ ବାଣ୍ଟେ। ମାନବବାଦର ମହାପ୍ରସାଦ ଅଜାଡ଼ିଦିଏ। ଆଶା ଓ ବିଶ୍ୱାସର ପୃଥିବୀରେ ସମ୍ପର୍କର ସେତୁ ବାନ୍ଧେ। ନିଜ ମନର ଭାବକୁ ଶବ୍ଦ ଫୁଲରେ ପ୍ରସ୍ଫୁଟିତ କରାଏ। କବି ମଣିଷଟି କେବଳ ରୀତି, ନୀତି ଓ ରୁଚି ସହ ନିଜକୁ ବାନ୍ଧି ପାରେନା। ଜୀବନକୁ ଖୋଜେ। ଏଇ ଖୋଜିବା ଭିତରେ ସମୁଦାୟ ଜଗତକୁ ଦେଖେ। ସେଇଥିପାଇଁ ସେ ସାଜିଥାଏ ଦ୍ୱିତୀୟ ଈଶ୍ୱର। ସେ ବୁଝେ ଫୁଲ, କଣ୍ଟା, ଜନ୍ମ ଓ ମୃତ୍ୟୁର ରହସ୍ୟ ଭେଦ।

'କବି' ଶବ୍ଦଟିର ପ୍ରଚଳନ କେବଳ ସାମ୍ପ୍ରତିକ ସମୟର ନୁହେଁ, ବରଂ କେଉଁ ସୁଦୀର୍ଘ ଅତୀତରୁ ଏହା ପ୍ରଚଳିତ ହୋଇ ଆସୁଅଛି। ତ୍ରେତୟା ଯୁଗୀୟ କବି ମହାମୁନି ବାଲ୍ମୀକିଙ୍କ କଣ୍ଠରୁ ନିର୍ଗତ ହୋଇଥିବା "ମା' ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ/ ଯ କ୍ରୌଞ୍ଚ ମିଥୁନ ଦେକମବଧୀଃ କାମ ମହିତମ୍।" ଏଇ ପଦଟି ସମଗ୍ର ଭାରତୀୟ କାବ୍ୟ ସାହିତ୍ୟ କାହିଁକି ବରଂ ବିଶ୍ୱ ସାହିତ୍ୟର ପ୍ରଥମ କାବ୍ୟ ଶ୍ଳୋକର ମର୍ଯ୍ୟାଦା ପ୍ରାପ୍ତ କରିଛି କହିଲେ କିଛି ଭୁଲ୍ ହେବ ନାହିଁ।। ଶରବିଦ୍ଧ କ୍ରୌଞ୍ଚ ପକ୍ଷୀର ରକ୍ତାକ୍ତ ଦୃଶ୍ୟ ଦେଖି ସେଦିନ ବାଲ୍ମୀକୀଙ୍କ କଣ୍ଠରୁ ଶିକାରୀ ପ୍ରତି ଅଭିଶାପର ଯେଉଁ ଶ୍ଳୋକଟି ନିଃସୃତ ହୋଇଥିଲା, ସେଥିରୁ ତାଙ୍କ ଦୁଃଖ ଦ୍ରବୀଭୂତ ଚିନ୍ତା ଓ ଚେତନାର ପରିଚୟ ମିଳିଥାଏ। ଦୁଃଖ ଏବଂ ଅଶ୍ରୁରୁ ହିଁ କବିତାର ଜନ୍ମ। ସେଇଥି ପାଇଁ ତ କବିଟିଏ ହୋଇଥାଏ ଉଦାରପ୍ରାଣ। ସେ ସଭିଙ୍କୁ ଆପଣାର କରିନିଏ। କବିର ବିଶ୍ୱ ଏକ ସୃଜନର ବିଶ୍ୱ। ସେ ବନ୍ଧୁତ୍ୱର ସମ୍ପର୍କ ଯୋଡ଼ିପାରେ। ସେ ବି ବନ୍ଧୁକ ଉଠାଇପାରେ। ପଥଭ୍ରଷ୍ଟ ମଣିଷକୁ ଉଚିତ୍ ରାସ୍ତାରେ ଯିବାପାଇଁ ତା'ର ସୃଜନସ୍ୱରକୁ ତୀବ୍ର କରିଥାଏ। ସେ କାହାରି ଦୟାର ପାତ୍ର ହୁଏନାହିଁ। ଏପରିକି କାହାର ପଦବନ୍ଦନା ମଧ୍ୟ କରେନା। କାରଣ ସେ ଜଣେ ସ୍ୱାଧୀନଚେତା କବି। ଆକ୍‌ବରଙ୍କ ରାଜସଭାର ବୀର୍‌ବଲ୍‌ଙ୍କଠାରୁ ଆରମ୍ଭ କରି ଦାକ୍ଷିଣାତ୍ୟର ତେନାଲିରାମା ଏପରିକି ଆମ ରାଜ୍ୟର ଯଦୁମଣି ଏଭଳି ଜଣେଜଣେ ସ୍ପଷ୍ଟବାଦୀ କବି, ଯେଉଁମାନେ କି ସେମାନଙ୍କର ସ୍ପଷ୍ଟ ବକ୍ରପଦ ଦ୍ୱାରା ରାଜାଙ୍କର ଆଖି ଖୋଲି ଦେଉଥିଲା। ସେ ରାଜା ହୁଅନ୍ତୁ ବା ବାଦ୍‌ଶାହା ସଭିଙ୍କ ହୃଦୟରେ ଗଠନାତ୍ମକ ଭାବକଳ୍ପ ସୃଷ୍ଟି କରାଇବାରେ ଏଇ କବିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହିପରି କବି ଅଯଥାରେ କାହାରି ଗୁଣ କୀର୍ତ୍ତନ କରନ୍ତି ନାହିଁ କି ସେମାନଙ୍କ ନାମରେ କବିତା ରଚନା କରନ୍ତି ନାହିଁ। ଏ ସମ୍ପର୍କରେ ଦୀନକୃଷ୍ଣଙ୍କ ଉଦାହରଣ ନିଆଯାଇପାରେ। ଓଡ଼ିଶାର ଗଜପତି ଦିବ୍ୟସିଂହ ଦେବ ନିଜ ନାମରେ କବିତା ଭଣିତା କରିବା ପାଇଁ ଦୀନକୃଷ୍ଣଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସେ ତାହାକୁ କର୍ଣ୍ଣପାତ କରି ନଥିଲେ। ଏପରିକି ରାଜାଙ୍କର ଧମକ - "ମୋ ନାମେ ଭଣିଲେ ଅବଶ୍ୟ / ଅନେକ ଦେବି ଗ୍ରାମଦେଶ / ମୋ ରାଜ୍ୟେ ଦେବି ଅଧିକାର / ଦେଖ ମୁଁ ଜଗତ ଈଶ୍ୱର/ ନୋହିଲେ ମରିବୁ ଅବଶ୍ୟ / ଛାଡ଼ ତୋ ଜୀବନର ଆଶ।" (ରସବିନୋଦ) କବି କିନ୍ତୁ ନିର୍ବିକାର ଚିତ୍ତରେ ରାଜାଙ୍କ ଧମକକୁ ଖାତିର କରିନାହାନ୍ତି। ବିଚଳିତ ହୋଇନାହାନ୍ତି। ବରଂ ରାଜାଙ୍କୁ ରୋକ୍‌ଠୋକ୍ ଶୁଣାଇଛନ୍ତି - "ତୁମ୍ଭକୁ ନାହିଁ ମୋ ଡର / ମୋ ପ୍ରଭୁ ବଳେ ବଳିୟାର / ଜଗତ ସୃଷ୍ଟ ଆନ ହେଲେ / ଗୀତ ମୁଁ ଅନ୍ୟକୁ ନ ବୋଲେ।" ଜଣେ ଦୃଢ଼ମନା ବ୍ୟକ୍ତି ସମସ୍ତ ପ୍ରକାର ପ୍ରଲୋଭନକୁ ଭୃକ୍ଷେପ ନ କରି ଏଭଳି ଉକ୍ତି ହିଁ ପ୍ରକାଶ କରିପାରେ। ଯାହା କରି ଦେଖାଇଛନ୍ତି କବି ଦୀନକୃଷ୍ଣ।

କିନ୍ତୁ ସମ୍ପ୍ରତି ? କବି ତା'ର ବ୍ୟକ୍ତିତ୍ୱକୁ ବଳି ପକାଇ ଦେଉଛି ଅନ୍ୟ ପାଖରେ। ଅର୍ଥ ପଛରେ କବି ଗୋଡ଼ାଉଛି। ନିଜର ସ୍ୱାଧୀନଚେତା ହୃଦୟଟି ସତେ ଯେମିତି ଅନ୍ୟ ପାଖାରେ ବନ୍ଧା ପଡ଼ିଯାଇଛି। କେବଳ ଏତିକି ନୁହେଁ ଅନେକ ବରାଦିଆ କବିତା ଲେଖି ବାଃ ବାଃ ନେବାରେ ସତେ ଯେମିତି ସଭିଏଁ ପାଗଳ ହୋଇ ଉଠିଛନ୍ତି। ନିଜ ହାତରେ ନିଜେ 'ଚଉଦପା' ହୋଇଯାଇଛନ୍ତି। ଯାହା ଲେଖିଲେ ବି କବିପଣର ନାଗରା ବଜାଉଛନ୍ତି। କବିତାର ସୌନ୍ଦର୍ଯ୍ୟ ପଣକୁ ଏମାନେ ବିସ୍ମରି ଯାଉଛନ୍ତି। ଜୋର ଜବରଦସ୍ତ ଶବ୍ଦଗୁଡ଼ିକୁ ସାଉଁଟି କବିତା ଲେଖି ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି।

ଆତ୍ମ ଅହଂକାର ଭିତରେ ଡୁବିଛନ୍ତି ସଭିଏଁ। ଏପରିକି ତତ୍କାଳ ସର୍ଜନା କରି ବେଶ୍ ହଟଚମଟ ସୃଷ୍ଟି କରିବାର ଧାରା ଜାରି ରଖିଛନ୍ତି। ଏତାଦୃଶ ନକଲି ଲେଖକମାନଙ୍କୁ ନିଜ କବ୍‌ଜାକୁ ନେଇଛନ୍ତି ସାରସ୍ୱତ ଦଲାଲମାନେ। ଅର୍ଥ ବିନିମୟରେ ପୁରସ୍କାର, ସମ୍ବର୍ଦ୍ଧନା, ପ୍ରଶସ୍ତିପତ୍ର ଅନାୟାସରେ ମିଳିପାରୁଛି। ସାମ୍ପ୍ରତିକ ସମୟରେ ଓଡ଼ିଶା ରାଜ୍ୟରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି। ହେଲେ ମୁଷ୍ଟିମେୟ ସଫଳ ସମ୍ପାଦକଟି ଆଖି ସାମ୍ନାକୁ ଆସୁଛନ୍ତି। କିଛି ସମ୍ପାଦକ ତ ଭଡ଼ା ସୂତ୍ରରେ ପେଟ୍‌ପକା ଭଡ଼ାଟିଆ ସମ୍ପାଦକ ନିଯୁକ୍ତ କରୁଛନ୍ତି। ଫଳରେ ଲେଖାର ମାନକୁ ତଉଲା ଯାଉନାହିଁ ବରଂ ବ୍ୟକ୍ତିଗତ, ସ୍ୱାର୍ଥ ଏବଂ ନିଜର ଶସ୍ତା ପ୍ରଚାର ନିମନ୍ତେ ଅନେକ ରୁଚିହୀନ ଲେଖା ପ୍ରକାଶ କରୁଛନ୍ତି। ସାହିତ୍ୟ କମ୍ ନଗ୍ନଚିତ୍ର ଅଧିକ। ପ୍ରତିକାଗୁଡ଼ିକ ତ ରଙ୍ଗବେରଙ୍ଗର ଚଳଚ୍ଚିତ୍ର ପୋଷ୍ଟର ପରି ପ୍ରତୀୟମାନ ହେଉଛନ୍ତି। କେଉଁଠି ନଗ୍ନତା ତ; ପୁଣି କେଉଁଠି ଅର୍ଦ୍ଧନଗ୍ନ ବାମାଚିତ୍ର ତଳେ ଗଳ୍ପ ଓ କବିତା ସ୍ଥାନ ପାଉଛି। ସଚେତନ ପାଠକ ଏଥିରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛି। ପତ୍ରିକାର ଅଙ୍କ ସମ୍ପାଦକମାନେ ଭଡ଼ାଟିଆ ସମ୍ପାଦକଙ୍କ କଳା କାରନାମା ସମ୍ପର୍କରେ ବୁଝିପାରୁ ନାହାଁନ୍ତି। କଳା, ସଂସ୍କୃତି ଓ ସାହିତ୍ୟ ପ୍ରତି ଅନୁରାଗ ଥିଲେ ସିନା ଜାଣିପାରିବେ ନହେଲେ କେମିତି ଜାଣିବେ ଯେ। ପ୍ରଚୁର ଅର୍ଥ ବ୍ୟୟ କରି ସୁଦୃଶ୍ୟ ପତ୍ରିକା ପ୍ରକାଶ କଲେ ସାହିତ୍ୟର ଅନ୍ତଃସ୍ୱରକୁ କ'ଣ ଅନୁଭବ କରାଯାଇପାରିବ ?

ଏମିତି ଚାଲିଛି ପତ୍ରିକା ହାଟର କାରବାର। କିଛି ଲେଖକ ନିଜ ଲେଖା ଛାପିବା ପାଇଁ ସମ୍ପାଦକଙ୍କ ଉପରେ ବିଭିନ୍ନ ସ୍ତରରେ ପ୍ରଭାବ ବିସ୍ତାର କରିଥାନ୍ତି। ଖୋସାମଦ ବି କରନ୍ତି ପ୍ରଲୋଭନ ବି। ନିର୍ଦ୍ଦିଷ୍ଟ ସଭା ଆୟୋଜନ କରି ଅତିଥି ଭାବେ ନିମନ୍ତ୍ରଣ କରନ୍ତି। ତେଣୁ ଏମାନଙ୍କର ମାନସିକତାକୁ କେଉଁ ସ୍କେଲରେ ମାପିବା ତାହା କହିବା ଅସମ୍ଭବ। ସଫଳ ସମ୍ପାଦକଙ୍କ ପାଖରେ ଶ୍ରେଷ୍ଠ ରଚନାକାର ନୁହେଁ ବରଂ ଶ୍ରେଷ୍ଠ ରଚନା ହିଁ ମୂଲ୍ୟବାନ୍। ଯେଉଁ ସମ୍ପାଦକ ଜଣେ ନାମକରା ସାହିତ୍ୟିକଙ୍କର ନିକୃଷ୍ଟ ଲେଖାକୁ ଫେରାଇଦେବାର ସତ୍‌ସାହସ ରଖିଥାଏ। ସେ ହିଁ ସଫଳ ସମ୍ପାଦକର ସ୍ୱତନ୍ତ୍ର ଆସନ ପ୍ରାପ୍ତ କରିଥାଏ। ଏ ସବୁ ପ୍ରତି ଧ୍ୟାନ ନାହିଁ କାହାର। ମିଛ ପ୍ରଶଂସାରେ ଗଦ୍‌ଗଦ୍ ସଭିଏଁ। ସେ ତ ନିଜ ହାତରେ ଚଉଦ ପା'। ପାଦ ରଖିଲେ ଦୁଲୁକି ଉଠିବ ସର୍ଜନାର ମାଟି। ସବୁଠି କାଚ ପ୍ରେମ୍ ବନ୍ଧା ମାନପତ୍ର, ଫୁଲତୋଡ଼ା, ତିନିହାତିଆ ଚଦର ସହ ଫ୍ରିରେ ମିଳୁଛି କରତାଳି। ଜଗତୀକରଣ ଯୁଗରେ ଏହାକୁ କ'ଣ ଅସ୍ୱୀକାର କହିହେବ କି ? ମୋର ଯାହା ମନେ ହୁଏ, ଏହା ଏବେ ବିପଣନ ବା ବଜାର ସଂସ୍କୃତି ହୋଇଯାଇଛି। ତତ୍କାଳ ଆନନ୍ଦ ପାଇଁ ସଭିଁଏ ଯେମିତି ପାଗଳ। ବଞ୍ଚିବା ପର୍ଯ୍ୟନ୍ତ ବିଳାସ (ଋଭହକ୍ଲଜ ଞସକ୍ଷକ୍ଷ ୟରବଷ୍ପଷ) ସାହିତ୍ୟ କ୍ଷେତ୍ରରେ ଏଭଳି ଫିଲୋସଫି ବେଶ୍ ସାମ୍ନାକୁ ଆସୁଛି। ଯେମିତି ସେମିତି କବିତାଟିଏ ଲେଖା ହୋଇଯାଉଛି। ସବୁବସୁ କବିତା, ଠିଆଠିଆ କବିତା। ଚେନାଚୁର ଖିଆ କାଗଜରେ କବିତା, ରିକ୍ସାରେ କବିତା, ବସ୍ ଟ୍ରେନ୍‌ରେ କବିତା। କେବଳ ସାମୟିକ ତୃପ୍ତି ତଥା ଆତ୍ମପ୍ରଶଂସା ସାଉଁଟିବା ପାଇଁ। ଏମିତି ଅନେକ କବି ଅଛନ୍ତି ଯେଉଁମାନେ ଜିରୋରୁ ହିରୋ ହେବାପାଇଁ ବେଶ୍ ଲଗାମ୍‌ଛଡ଼ା କସରତ୍ କରୁଛନ୍ତି। ପ୍ରଚୁର ଅର୍ଥ ଖର୍ଚ୍ଚ କରି ବହି ମଧ୍ୟ ପ୍ରକାଶ କରୁଛନ୍ତି। ପୁଣି ତାହାକୁ ଡିସ୍‌କାଉଣ୍ଟ ସେଲ୍‌ରେ ବିକ୍ରି କରିବାର ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି।

ନିଃସନ୍ଦେହ ଏହା କୁହାଯାଇପାରେ, ଲେଖକ/କବିମାନେ ନିଜନିଜର ଅଜବ ଦର୍ପଣରେ ନିଜନିଜର ପ୍ରତିଛବି ଦେଖୁଛନ୍ତି। କିନ୍ତୁ ଭୁଲିଯାଇଛନ୍ତି ସମାଜ ଦର୍ପଣର କଥା। ଏଭଳି କବି ପାଠକମାନଙ୍କ ହୃଦୟରେ ସ୍ପନ୍ଦନ ସୃଷ୍ଟି କରିପାରୁ ନାହିଁ। ସାହିତ୍ୟ ମାଫିଆମାନେ କିନ୍ତୁ ସଭାସମିତିରେ ଏତାଦୃଶ ନକଲି ସାହିତ୍ୟିକମାନଙ୍କୁ ଉଚ୍ଚ ପ୍ରଶଂସା କରି ନିଜନିଜ ଜାଲରେ ଫସାଉଛନ୍ତି। ଫଳରେ ପ୍ରବୁଦ୍ଧ ଚେତନାର ସ୍ରଷ୍ଟାଟିଏ ଅଘର ହୋଇପଡ଼ିଛି। କବଳ ଏତିକି ନୁହେଁ, ଅନେକ ଅବାଞ୍ଛିତ ବ୍ୟକ୍ତିବିଶେଷ ବିଭିନ୍ନ ଗଳାରାସ୍ତା ଦେଇ ସାହିତ୍ୟ ଏକାଡେମୀର ସଦସ୍ୟ ହେବାର ନଜିର୍ ବି ରହିଛି। କେଉଁ ସ୍ୱାକ୍ଷରରେ ସାର୍ବକାଳିକତାର ସ୍ୱର ରହିଛି, ତାହା ବିଚାର ପରିସରକୁ ଆଣିବା ଆବଶ୍ୟକ। ସମ୍ପ୍ରତି ମଣିଷ ବିଶ୍ୱାୟନ ଭିତରେ ନିଜକୁ ଦେଖୁଛି। ସ୍ଥାନୀୟ ଭାବକଳ୍ପ ପ୍ରତି କାହାରି ନିଘା ନାହିଁ। ସଭିଏଁ ମୁଦ୍ରାକୁ ଗୁରୁତ୍ୱ ଦେଉଛନ୍ତି। ଯାହା ଆସିଲା, ତାହା ରଚିଗଲା କାଗଜ ଫର୍ଦ୍ଦରେ। ପାଠକ ବୁଝୁ ବା ନ ବୁଝୁ। ତେଣୁ ଏଭଳି ସ୍ଥଳେ ଆମେ କ'ଣ କାଳଜୟୀ ସର୍ଜନା କରିପାରିବା କି ? ଆଜି ସମୟ ଆସିଛି ଭଲ ଆଉ ଭେଲର ପାର୍ଥକ୍ୟ ବୁଝିବାକୁ ପଡ଼ିବ। ସାହିତ୍ୟକୁ ଦଲାଲମୁକ୍ତ କରିବାକୁ ପଡ଼ିବ। କାଳଜୟୀ ସୃଷ୍ଟି ଏବଂ ସ୍ରଷ୍ଟା ମାନଙ୍କର ଉପଯୁକ୍ତ ମୂଲ୍ୟାଙ୍କନ କରିବାକୁ ପଡ଼ିବ। ତେବେ ଯାଇ ପ୍ରଚଳିତ ରଦି ବ୍ୟବସ୍ଥା ଏବଂ କ୍ରିୟାଶୀଳ ମାଫିଆମାନଙ୍କ ଉପରେ ଲଗାମ୍ ଲଗାଇ ହେବ ଏବଂ ବିଶ୍ୱ ଦରବାରରେ ଆମେ ଛାତି ଫୁଲାଇ କହିପାରିବା ଗୋଟିଏ ସର୍ବପ୍ରାଚୀନ ଭାଷାର ଆମେ ହିଁ ଜଣେଜଣେ ସଫଳ ସ୍ରଷ୍ଟା।(ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ସ୍ମୃତିଶତଦଳ ୧୮୩



॥ ମୋ ମା' ସୁନାମଣି ଦେବୀ ॥

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅଜା ଖୁବ୍ ବଡ଼ ଟାସ୍କ ମାଷ୍ଟର ଥିଲେ । ମତେ ପଢ଼େଇ ପଢ଼େଇ ଇଂରାଜୀ ଗ୍ରାମାର୍‌କୁ ପରଫେକ୍ଟ କରିଦେଇଥିଲେ । ଏବେ ବିଜ୍ଞାନର ଛାତ୍ରୀ ଓ ଡାକ୍ତର ହୋଇ ମଧ୍ୟ ମୋର ବନାନ ଅଶୁଦ୍ଧି କେବେହେଲେ ହୁଏନାହିଁ । ଏମିତିକି ପିଲାଦିନେ ରଜରେ ମୁଁ ଓ ମୋର ମାଉସୀଝିଅ ଭଉଣୀମାନେ ଏକା ରଙ୍ଗର ଏକା ଭଳି ଡ୍ରେସ୍ ପିନ୍ଧି, ଅଳତା ନାଇ, ଚନ୍ଦନ ଲଗେଇ ଖେଳୁଥିବା ବେଳେ, ଅଜା ଖପ୍ କରି ମୋ ହାତ ଧରିପକେଇ ଟାଣି ଟାଣି ନେଇ ଆସନ୍ତି ଏବଂ 'ଆ ପଢ଼ିବୁ ଆ' କହି ମତେ ଗୋଟିଏ ଘରେ ପୁରେଇଦେଇ କବାଟ ବନ୍ଦ କରିଦିଅନ୍ତି । ସେତେବେଳେ ମୋର ଥିଲା ପଞ୍ଚମକ୍ଲାସ ଏବଂ ଗ୍ରାମାରର ଟେନ୍‌ସ ଉପରେ ମତେ ପଢ଼ିବାକୁ ହୋମ୍‌ୱାର୍କ ଦିଆଯାଇଥିଲା । ଗ୍ରାମାର ବା' ବ୍ୟାକରଣରେ 'ଟେନସ୍' ଏକ ଟେନସନ୍‌ଯୁକ୍ତ ପରିଚ୍ଛଦ । ମୁଁ ରଜରେ ସଜବାଜ ହୋଇ ଖେଳିଲା ବେଳକୁ ଅଜା ମତେ ନେଇ ପଢ଼ାଘରେ ପୁରାଇ ତାଲା ଦେଇଦେଲେ । ମୁଁ ଖୁବ୍ କାନ୍ଦିଲି- ମା'କୁ ପାଟିକରି ଡାକିଲି- "ମା ରଜ ଭଳି ଦିନରେ ଅଜା ଆଜି ବି ଛାଡୁନାହାନ୍ତି, ପଢ଼ିବା ପାଇଁ ବାଧ୍ୟ କରୁଛନ୍ତି" । ମା' ବି ବ୍ୟସ୍ତ ହୋଇ ପଡ଼ିଲା କହିଲା - "କାହିଁକି ସେ ଛୁଆଟା ସାଙ୍ଗରେ ଲାଗିଛ କହିଲ ? ସେ ତ ତୁମ କଥା ମାନି ସବୁବେଳେ ପାଠ ପଢୁଛି, ଆଜି ଭଳି ଦିନରେ କାହିଁକି ତାକୁ ବନ୍ଦ କରିଛ ?" ଅଜା ଭୀଷଣ ରାଗି ଗଲେ ଓ ପାଟି କରି କହିଲେ "ତୁ କ'ଣ ଜାଣିଛୁ ଇଂରାଜୀ ଗ୍ରାମାର୍ କଥା ? ବୁଲୁର ଉଜ୍ଜ୍ୱଳ ଭବିଷ୍ୟତ ରହିଛି । ସେ ଏମିତି, ସେମିତି ହେବନି, ହାରା ଆଉ ଜୀବାନନ୍ଦଙ୍କର ଝିଅ ସେ', ତା' ରକ୍ତ ଦିନେ କଥା କହିବ । ତା'ର ଏମିତି ସମୟ ନଷ୍ଟ କରିବା କଥା ମୁଁ ଜମା ସହି ପରିବି ନାହିଁ ।" ମା' ଚୁପ୍ ରହିଲା ଓ ମତେ କେବଳ ଘର ଭିତରକୁ ଆସି ପିଠା ଖୁଆଇ, ପୁଣି ପଢ଼ିବାକୁ ଛାଡ଼ିଦେଲା । ମୁଁ ଦେଖିଲି ମୋର ବି ଆଉ ତ୍ରାହି ନାହିଁ । ତେଣୁ ଯେତେ ଜଲ୍‌ଦି ପାଠ ସାରିବି, ସେତେ ଜଲ୍‌ଦି ଏ ଘରୁ ବାହାରି ପାରିବି, ତେଣୁ ମୁଁ ପଢ଼ାପଢ଼ିରେ ଲାଗିଗଲି ।

ଏବେ ସେ କଥା ଭାବିଲା ବେଳକୁ ଲାଗୁଛି, ମା' ଆଉ ଅଜାଙ୍କର ମୋର ଭବିଷ୍ୟତ ପାଇଁ କେତେ ସତେ ଚିନ୍ତା ଥିଲା । ମୁଁ ଆଜି ଯେଉଁଠି ବି ପହଞ୍ଚିଛି, ସେସବୁ ପ୍ରଭୁଙ୍କର ଆଶୀଷ, ଅଜା ଓ ମା'ଙ୍କର ଅଖଣ୍ଡ ପରିଶ୍ରମ ଆଉ କଠିନ ଅଧ୍ୟବସାୟ ପାଇଁ ହିଁ ମତେ ମିଳିଛି ।

ସବୁଠାରୁ ମଜା କଥା ହେଉଛି, ମୋର ସବୁ ପରୀକ୍ଷାବେଳେ ମା' ଓ ଅଜା ପୂଜା କରିବା ସହ ପୂର୍ଣ୍ଣ କଳସ ବସାଇଥା'ନ୍ତି, ଏବଂ ମୁଁ ନୂଆ ଜାମା ପିନ୍ଧି ପରୀକ୍ଷା ଦେବାକୁ ଯାଏ । ମୋର ମାମୁଁ ପୁଅ ଭାଇ ପ୍ରେମାନନ୍ଦ (ସ୍ୱର୍ଗତ ପ୍ରେମାନନ୍ଦ ମିଶ୍ର) ମତେ ସାଇକେଲ୍‌ରେ ନେଇଯାଏ । ଦ୍ୱିତୀୟ ଶ୍ରେଣୀରେ ସାରା ଜିଲ୍ଲା (ସୁନ୍ଦରଗଡ଼)ରେ ପ୍ରଥମ ହୋଇ ମାସକୁ ଦୁଇଟଙ୍କା ଲେଖାଏଁ ଏବଂ ତୃତୀୟ ଶ୍ରେଣୀରେ ମଧ୍ୟ ପୁଣିଥରେ ଜିଲ୍ଲାରେ ପ୍ରଥମ ହୋଇ ମାସକୁ ତିନି ଟଙ୍କା ଲେଖାଏଁ ବୃତ୍ତି ପାଉଥିଲି । ମୋର ପାଠ ଓ ସାଧନାର ମୂଳଦୁଆ ଏତେ ଶକ୍ତ ଭାବରେ ମା' ଓ ଅଜା ପକାଇବେ, ସେ କଥା ମୁଁ ସ୍ୱପ୍ନରେ ଭାବି ନଥିଲି। ଏବେ ମଧ୍ୟ 'ଛବିଳ ବର୍ଣ୍ଣବୋଧ' ଓ 'ଚାଇଲଡ୍‌ସ୍ ଇଜି ଫାଷ୍ଟ ଗ୍ରାମାର' ମୋର ମୁଖସ୍ଥ । ସ୍କୁଲରୁ ବୃତ୍ତି ପାଇଲା ପରେ ମା' ହାତକୁ ସେ ଟଙ୍କା ଖୁସିରେ ବଢ଼ାଇ ଦେଉଥିଲି ଏବଂ କିଛି କେତେବେଳେ ଅସୁବିଧା ହେଲେ ମା'କୁ କହୁଥିଲି; "ମା', ମୋର ବୃତ୍ତିଟଙ୍କା ଅଛି, ସେଥିରୁ କିଣି ଦେଉନୁ ।"

ପକ୍ଷୀମାନେ ଯେମିତି ତାଙ୍କର ଡେଣାଭିତରେ ନିଜ ଶାବକମାନଙ୍କୁ ଘୋଡ଼ାଇ ରଖିଥାନ୍ତି, ଠିକ୍ ସେମିତି ମା' ମତେ ତା କାନି ତଳେ ଘୋଡ଼ାଇ ରଖିଥାଏ । ମା' କାର୍ତ୍ତିକ ମାସ ସାରା ପୂଜା କରି ହବିଷଖାଏ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ି ଭୋରରୁ ସମସ୍ତଙ୍କ ସଙ୍ଗେ ମିଶି ଯାଏ ଇବ୍ ନଦୀରେ ଗାଧୋଇବାକୁ ।

> ପକ୍ଷୀମାନେ ଯେମିତି ତାଙ୍କର ଡେଣାଭିତରେ ନିଜ ଶାବକମାନଙ୍କୁ ଘୋଡ଼ାଇ ରଖିଥାନ୍ତି, ଠିକ୍ ସେମିତି ମା' ମତେ ତା କାନି ତଳେ ଘୋଡ଼ାଇ ରଖିଥାଏ । ମା' କାର୍ତ୍ତିକ ମାସ ସାରା ପୂଜା କରି ହବିଷଖାଏ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ି ଭୋରରୁ ସମସ୍ତଙ୍କ ସଙ୍ଗେ ମିଶି ଯାଏ ଇବ୍ ନଦୀରେ ଗାଧୋଇବାକୁ ।

ସେଠି ଗାଧୋଇ ସାରିବା ପରେ ପୁଣି ମନ୍ଦିର ଦର୍ଶନ ପାଇଁ ଯାଏ, ଶିବ ମନ୍ଦିର ଠାରୁ ଆରମ୍ଭ କରି ଜଗନ୍ନାଥ ମନ୍ଦିର ଯାଏ । ମୁଁ ବି ଟୁବ୍ କରି ନଈରେ ବୁଡ଼ି ମୁଣ୍ଡ ଧୋଇ ଗାଧୋଇ ପଡ଼ି ମା'ର କାନି ଧରି ତା' ପଛେ ପଛେ ଯାଏଁ ମନ୍ଦିର ଦର୍ଶନ ପାଇଁ । ସୁନ୍ଦରଗଡ଼ର ରାସ୍ତାସାରା ବଡ଼ ବଡ଼ ଗଛରୁ ଅସଂଖ୍ୟ ଧଳାଫୁଲ ରାସ୍ତା ସାରା ବିଛେଇ ହୋଇ ପଡ଼ିଥାଏ । ତାକୁ ସମସ୍ତେ ସୁନ୍ଦରଗଡ଼ ପଟେ 'ପିପି ଫୁଲ' ବୋଲି କହିଥାନ୍ତି । ସେଇ ପିପି ଫୁଲ ଅଣ୍ଟିଏ ଧରି ମୁଁ ଫେରେ କିନ୍ତୁ ନଈରେ ଗାଧୋଇବା ପରେ ମତେ ଜର ଆସିଯାଇଥାଏ। ମୋର ଦୁର୍ବଳ ଦେହରେ ସବୁବେଳେ ଥଣ୍ଡା ଲାଗିଯାଏ । ମତେ ମଧ୍ୟ ସେତେବେଳେ ମାସକୁ ମାସ ଜର (ମେଲେରିଆ) ହେଉଥିଲା । ମୋର ମାମୁଁ ଡାକ୍ତର ଶରତଚନ୍ଦ୍ର ମିଶ୍ର ମତେ କୁଇନାଇନ୍ ଖାଇବାକୁ ଦେଉଥିଲେ । ମୁଁ ଥୁ ଥୁ କରି ଫୋପାଡ଼େ । ମା' କୁଇନାଇନ୍ ବଟିକାକୁ ଗୁଡ଼ପୁର ବା ରସଗୋଲା ପୁର ଦେଇ ଖାଇବାକୁ ଦେଇଥାଏ ।

ଅଜା ବୈରାଗୀ ମିଶ୍ର ଜଣେ ଶିକ୍ଷାବିତ୍ ଓ ପେଶାରେ ଶିକ୍ଷା ବିଭାଗର ଡି.ଆଇ. ଅଫ୍ ସ୍କୁଲ୍ ଥିଲେ । ସେ ଘୋଡ଼ା ପିଠିରେ ବସି ଗଡ଼ଜାତର ସ୍କୁଲ ପରିଦର୍ଶନ

ଆଇଏମଏ ସଂଘ ପକ୍ଷରୁ ବାରିପଦାରେ ଅନଶନ

ବାରିପଦା,୧୩।୦୨ (ନି.ପ୍ର): ସମସ୍ତ ପ୍ରକାର ଚିକିତ୍ସକ ମାନଙ୍କୁ ମିକ୍ସୋପାଥି ଅଧୀନରେ ରଖାଯିବା ଦାବିରେ ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ)ର ବାରିପଦା ଶାଖା ପକ୍ଷରୁ ଶନିବାର ଠାରୁ ରିଲେ ଅନଶନ ଅନୁଷ୍ଠିତ ହୋଇଛି। ଶାଖା ସଭାପତି ଡ଼ଃ ଚିତ୍ତରଞ୍ଜନ ଦାଶ ଓ ସମ୍ପାଦକ ଡ଼ଃ ବିଶ୍ୱନାଥ ଦାସ ଦର୍ଶାଇଛନ୍ତି ଯେ, ନଭେମ୍ବର ୨୦ରେ ଆୟୁଷ ମନ୍ତ୍ରଣାଳୟ ଅଧୀନ ଭାରତୀୟ କେନ୍ଦ୍ରୀୟ ଔଷଧ ପରିଷଦ ଓ ନୀତି ଆୟୋଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ବିଭ୍ରାନ୍ତିକର ଅଟେ। ବର୍ତ୍ତମାନ ଦେଶରେ ପ୍ରଚଳିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରତି ମିକ୍ସୋପାଥି ସଂପର୍କିତ ବିଜ୍ଞପ୍ତି ସମ୍ପୂର୍ଣ୍ଣ ଭୁଲ ଅଟେ। ଏହି ବିଜ୍ଞପ୍ତି ଜରିଆରେ ଆୟୁଷ ଡାକ୍ତରଙ୍କୁ ଅତ୍ୟାଧୁନିକ ଶଲ୍ୟ ଚିକିତ୍ସା(ସର୍ଜରୀ) କରିବାର ଅନୁମତି ପ୍ରଦାନ ସହିତ ବିଭିନ୍ନ ପଦ୍ଧତି ଚିକିତ୍ସାର ଅପମିଶ୍ରଣ ଆଇନ ସମ୍ମତ କରାଯାଇଛି । ଏହା କେବଳ ଚିକିତ୍ସା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିବା ନାହିଁ ବରଂ ଉନ୍ନତମାନ ଚିକିତ୍ସାରେ ଘୋର ବିପର୍ଯ୍ୟୟ ଦେଖା ଦେବା ସହିତ ଏହା ମଧ୍ୟ ବିଜ୍ଞାନ କିମ୍ବା ଆଇନ ସମ୍ମତ ନୁହେଁ ବୋଲି ସଭାପତି ଡ଼ଃ ଦାଶଙ୍କ ଦ୍ୱାରା ଅଭିଯୋଗ କରାଯାଇଛି । ଏଣୁ ଭବିଷ୍ୟତ ଅଭାବନୀୟ ପରିସ୍ଥିତିକୁ ଅନୁଧ୍ୟାନ କରି ସର୍ବଭାରତୀୟ ଚିକିତ୍ସକ ସଂଘ ବିଭିନ୍ନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଦୃଷ୍ଟି ଆକର୍ଷଣ ପୂର୍ବକ ଏହି ଆଇନ ପ୍ରତ୍ୟାହାର ପାଇଁ ଦାବି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇ ଥିବାର ଦର୍ଶାଯାଇଛି। ଏଣୁ ଏହି ବିଜ୍ଞପ୍ତିର ପ୍ରତ୍ୟାହାର ପାଇଁ ସର୍ବଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ରିଲେ ଅନଶନ ନିଷ୍ପତ୍ତି ନିଆଯାଇଛି। ସେହି ଅନୁଯାୟୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଆଇଏମଏ ବାରିପଦା ଶାଖା ପକ୍ଷରୁ ରିଲେ ଅନଶନ କରାଯାଇଛି। ଅନଶନ ସତ୍ତ୍ୱେ ରୋଗୀ ଚିକିତ୍ସା ସ୍ୱାଭାବିକ ରହିଥିଲା।

ଲୁଲୁ ମହାପାତ୍ରଙ୍କ ୫୬ତମ ଜୟନ୍ତୀରେ ରାଜ୍ୟସ୍ତରୀୟ ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଆଜି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ୫୬ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ଏକ ରାଜ୍ୟସ୍ତରୀୟ ମେଗା ରକ୍ତଦାନ ଶିବିର ଆୟୋଜିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ରକ୍ତଦାନ ଶିବିର ଆୟୋଜିତ ହେବ। ଏହିସବୁ ଶିବିରରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ୧୦୦୦ରୁ ଅଧିକ ସହଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ତତ୍‌ସହିତ ରାଜ୍ୟର କୋଣଅନୁକୋଣରେ ଅବସ୍ଥିତ ସମାଜର ପ୍ରତିଭା ସମ୍ପନ୍ନ ସାମ୍ବାଦିକ, ସମାଜସେବୀ ଏବଂ ଶିକ୍ଷା କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। କଟକ ଓ ଭୁବନେଶ୍ୱରରେ ଗୋସେବା ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ କଳିଙ୍ଗ ଯୁବ ସେନାକୁ ଏକ ଟାଟା ଏସି ଗାଡ଼ି ପ୍ରଦାନ କରାଯିବ।

କୁହୁଡ଼ି ଯୋଗୁଁ ମୁହାଁମୁହିଁ ଧକ୍କା ହେଲା ଡମ୍ପର

ନୀଳଗିରି,୧୩।୦୨ (ନି.ପ୍ର): ଶନିବାର ସକାଳୁ ପ୍ରବଳ କୁହୁଡ଼ି ହେତୁ ବାଲି ବୋଝେଇ ଡମ୍ପର ସହିତ ଅନ୍ୟ ଏକ ଖାଲି ଡମ୍ପର ମୁହାଁମୁହିଁ ଧକ୍କା ହୋଇଛି । ନୀଳଗିରି ଥାନା ଅଧୀନ ମିତ୍ରପୁର ଉଦଳା ରାସ୍ତା ର ସିଂହାସନୀ ପୋଖରୀ ନିକଟରେ ଦୁଇ ଡମ୍ପର ମୁହାଁମୁହିଁ ହୋଇଥିଲେ । ବାଲି ବୋଝେଇ ଟ୍ରକ ଭିତରେ ଡ୍ରାଇଭର ସମେତ ୪ଜଣ ଓ ଖାଲି ଟ୍ରକରେ ଡ୍ରାଇଭର ହେଲପର ଥିଲେ । ତେବେ ଦୁର୍ଘଟଣା ପରେ କାହାରି ବିଶେଷ କ୍ଷତି ହୋଇ ନ ଥିବା ବେଳେ ଦୁଇ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଉତ୍କଳମଣି ନିସ୍ୱାର୍ଥପର ସଂଗଠନ ପକ୍ଷରୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବରପାଇଁ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଗୁଡ଼ିକୁ ଜବତ କରି ତଦନ୍ତ କରୁଛି ।

ଅଗ୍ରଗାମୀ ଟି-୧୦ କ୍ରିକେଟ : ବଡଗୁମା ଦଳ ଚାଇଚଲ ବିଜୟୀ

ବସ୍ତା, ୧୩/୨(ନିପ୍ର): ରୁପସା ଥାନା ଗଡପଦା ଥାନା ଅନ୍ତର୍ଗତ ନୀଳବାଡି ଅଗ୍ରଗାମୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲ୍ଲା ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ବାଲେଶ୍ୱରର ଲୁମିନସ କ୍ଲବ ଓ ମୟୂରଭଂଜର ବଡଗୁମା ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ଲୁମିନସ କ୍ଲବ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୩ ଓଭର ଖେଳରେ ୮୮ରନରେ ଦଳ ଅଲଆଉଟ ହୋଇଯାଇଥିଲା। ଜବାବରେ ବଡଗୁମା ଦଳ ୭.୩ ଓଭର ଖେଳି ୯୧ରନ୍ କରି ବିଜୟ ହାସଲ କରିଥିଲା। ବଡଗୁମାର ଖେଳାଳି ରାଜା ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଚକା ମ୍ୟାନ୍ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆମ୍ପାୟାର କୃଷ୍ଣନିଧି ଦେ ଓ ମଧୁସୂଦନ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ୍ ସଭାପତି ପ୍ରଫୁଲ୍ଲ ଦାସଙ୍କ ପୌରହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ମାୟାଧର ମଣି, ସମ୍ମାନିତ ଅତିଥି ଭାବେ ସମାଜସେବୀ ହରେକୃଷ୍ଣ ପାଳ, ବ୍ୟବସାୟୀ ସାଜନ ମଲ୍ଲିକ ଓ ପ୍ରେସ୍ କ୍ଲବ ସଭାପତି ବାଞ୍ଛାନିଧି ଦେ ଯୋଗଦେଇ ଚାମ୍ପିଅନ ଦଳକୁ ନଗଦ ୩୬୦୦ ଟଙ୍କା ଓ ରନର୍ସ ଅପ ଦଳକୁ ୨୮୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମୃତ୍ୟୁଞ୍ଜୟ ଦାସ ଓ ରଣଜିତ ଦେ ସ୍କୋରିଂ ଦାୟିତ୍ୱରେ ଥିଲେ। କାର୍ତ୍ତିକେଶ୍ୱର ପ୍ରଧାନ, ରବୀନ୍ଦ୍ର ଦାସ, ନିମାଇଁ ଦାସ, ପ୍ରଦୀପ ନନ୍ଦୀ ଓ ପ୍ରତାପ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

ଏକବିଂଶ ଶତାବ୍ଦୀରେ ଯୋଗ ଗବେଷଣାର ଭୂମିକା

ଭୁବନେଶ୍ୱର,୧୩।୦୨ (ନି.ପ୍ର): ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ, ଭୁବନେଶ୍ୱର ପକ୍ଷରୁ ଏକବିଂଶ ଶତାବ୍ଦୀରେ ଯୋଗ ଗବେଷଣାର ଭୂମିକା ସମ୍ପର୍କରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଦେଶର କୋଣ ଅନୁକୋଣରୁ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର, ଛାତ୍ରୀ, ଅଧ୍ୟୟନରତ ଏମ୍‌ଫିଲ୍ ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମାଜ କଲ୍ୟାଣ ପାଇଁ ଯୋଗର ମୂଲ୍ୟଭିତିକ ଅନୁସନ୍ଧାନର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ବ୍ୟୋମକେଶ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଯୋଗ ବିଭାଗର ସହ ପ୍ରଧାପକ ତଥା ମୁଖ୍ୟ ଡ. ସଞ୍ଜୀବ ପାତ୍ର, ପଞ୍ଜାବ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଧାପକ ଡ. ଏନ୍.ସି. ପଣ୍ଡା, ଚଣ୍ଡିଗଡ଼ର ଚିତ୍ରକା ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ମୁଖ୍ୟ ଡ. ପ୍ରିଥି ଯେ, ଚଣ୍ଡିଗଡ଼ର ପିଜିଆଇଏମ୍‌ଆଇଆର ସ୍ନାୟୁ ବିଭାଗର ପ୍ରଧାପକ ଡା. ଅକ୍ଷୟ ଆନନ୍ଦ, କଟକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗ ସହାୟକ ପ୍ରଧାପକ ଡ. ପ୍ରତିଭା ଶ୍ରୀ, ଏକାଡ଼େମୀର ପ୍ରଧାନ ଅଧ୍ୟାପକ ପ୍ରଫେସର ରାଧାମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏକାଡ଼େମୀର ନିର୍ଦ୍ଦେଶକ ତଥା ଅଧକ୍ଷ ଡ. ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ପତାକା ଅସମ୍ମାନକାରୀଙ୍କୁ ଦଣ୍ଡ ଦେବା ପାଇଁ କେଶରୀୟ ହିନ୍ଦୁ ବାହିନୀର ଦାବି

ବାରିପଦା,୧୩।୦୨ (ନି.ପ୍ର): ଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଲାଲକିଲ୍ଲାରେ ଜାତୀୟ ପତାକାକୁ ଅସମ୍ମାନକାରୀଙ୍କୁ ଦଣ୍ଡ ଦେବା ପାଇଁ କେଶରୀୟ ହିନ୍ଦୁ ବାହିନୀ ପକ୍ଷରୁ ଦାବି କରାଯାଇଛି। ସୂଚନା ଅନୁଯାୟୀ, ଚାଷୀ ଆନ୍ଦୋଳନ ନାମରେ ଭାରତର ଗୌରବ ଲାଲକିଲ୍ଲାରେ ଜାତୀୟ ପତାକାକୁ ଅସମ୍ମାନ କରି ଦେଶକୁ ବଦନାମ କରିବା ପାଇଁ ହୀନ ପ୍ରୟାସ କରାଯାଇଛି। ଏହାର ପ୍ରତିବାଦରେ ବାରିପଦା କେଶରୀୟ ହିନ୍ଦୁ ବାହିନୀ ପକ୍ଷରୁ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଅଭିଯୁକ୍ତଙ୍କ ବିରୋଧରେ ଓ ଦେଶଦ୍ରୋହୀ କାର୍ଯ୍ୟରେ ଲିପ୍ତ ଥିବା ରାଜନେତାଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ଜିଲାପାଳଙ୍କ ଜରିଆରେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

'ଡିଷ୍ଟାଣ୍ଟ ଭିଜନ ଇଣ୍ଡିଆ'ପକ୍ଷରୁ ଜାତୀୟ ମହିଳା ଦିବସ

ବାଲେଶ୍ୱର,୧୩।୦୨ (ନି.ପ୍ର): ଜାତୀୟ ମହିଳା ଦିବସ ପାଳନ ଅବସରରେ ସ୍ୱେଚ୍ଛାସେବୀ ସଂଗଠନ'ଡିଷ୍ଟାଣ୍ଟ ଭିଜନ ଇଣ୍ଡିଆ'ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ସହରର ସିନେମାଛକ ନିକଟସ୍ଥ ଶହୀଦ ପାର୍କ ନିକଟରୁ ବାରିଥିବା ଏହି ଶୋଭାଯାତ୍ରାକୁ ସଂଗଠନର ମୁଖ୍ୟ ପର୍ଶୁରାମ ଘୋଷ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସଂଗଠନର ସଂଖ୍ୟାଧିକ ସଦସ୍ୟ ସଦସ୍ୟା ଶୋଭାଯାତ୍ରାରେ ସାମିଲ ହୋଇଥିବା ଲକ୍ଷ୍ୟ କରଯାଇଥିଲା। ମହିଳାମାନଙ୍କ ବିକାଶ ଓ ଅଧିକାର ସୁରକ୍ଷା ସମ୍ପର୍କରେ ସଂଗଠନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ପୁରୁଷ ସହ ପାଦ ମିଳାଇ ରାଷ୍ଟ୍ର ନିର୍ମାଣରେ ସାମିଲ ହେବା ପାଇଁ ମହିଳାମାନଙ୍କୁ ସୁଯୋଗର ଉଚିତ ବ୍ୟବହାର ସାଙ୍ଗକୁ ସେମାନଙ୍କ ଅଧିକାରୀ ସୁରକ୍ଷା ଦିଗରେ ସରକାରଙ୍କ ସମେତ ସବୁ ମହଲରୁ ଉଦ୍ୟମ କରିବାକୁ ଶ୍ରୀ ଘୋଷ ଆହ୍ୱାନ ଦେଇଥିଲେ । ଡିଷ୍ଟାଣ୍ଟ ଭିଜନ ଇଣ୍ଡିଆର ଟ୍ରଷ୍ଟି ଆଲପନା ବିଶ୍ୱାସ, ପଦ୍ମାବତୀ କୁଣ୍ଡୁ ପ୍ରମୁଖ ଏଥିରେ ଯୋଗଦେଇ ମହିଳମାନଙ୍କ ଅଧିକାର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପୁରୁଷ ପ୍ରଧାନ ସମାଜରେ ସମକକ୍ଷ ହେବାପାଇଁ ମହିଳାମାନଙ୍କୁ ବ୍ୟାପକ ପୋଷାହନ ଦେବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ । ନିଯୁକ୍ତି କ୍ଷେତ୍ରରେ ହେଉ ଅଥବା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ପ୍ରତିନିଧିତ୍ୱ ପାଇଁ ମିହିଳାମାନଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ପ୍ରଦାନ ଉପରେ ସେମାନେ ଗୁରୁତ୍ୱରୋପ କରିଥିଲେ । ସଂଗଠନର ବରିଷ୍ଠ ସଦସ୍ୟ ଶଙ୍କର ଘୋଷ ଓ ମମତା ମଞ୍ଜରୀ ମଲ୍ଲିକ ଏହି ଶୋଭାଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

କୋଭିଡ କଟକଣା କୋହଳ ପରବର୍ତ୍ତୀ ପ୍ରଥମ ପୂଜା ପ୍ରସ୍ତୁତି

ବାଗ୍‌ଦେବୀଙ୍କ ମୃଣ୍ମୟ ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷସ୍ପର୍ଶ

ବାଲେଶ୍ୱର,୧୩।୦୨ (ନି.ପ୍ର): ବାଗଦେବୀ ମାଆ ସରସ୍ୱତୀଙ୍କ ପୂଜାକୁ ଆଉ ମାତ୍ର ଦୁଇ ଦିନ ବାକିଥିବା ବେଳେ ଗାଁ'ଠାରୁ ସହର ପର୍ଯ୍ୟନ୍ତ ହୋଇଉଠିଛି ଚଳଚଞ୍ଚଳ। ସ୍କୁଲ, କଲେଜ ଏବଂ ବିଭିନ୍ନ କ୍ଲବ ମଣ୍ଡପରେ ମାଆଙ୍କର ପୂଜା ପାଇଁ ଚାଲିଛି ପ୍ରସ୍ତୁତି। ଶିଳ୍ପୀ ମା'ଙ୍କର ମୃଣ୍ମୟ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାରେ ଲାଗିଥିବା ବେଳେ ଡେକୋରେଟରମାନେ ବିଭିନ୍ନ ପୂଜା ମଣ୍ଡପ ସଜାଇବାରେ ଲାଗିଛନ୍ତି। କରୋନା ସଂକ୍ରମଣ ଯୋଗୁଁ ଗତ ମାର୍ଚ୍ଚ ୨୨ ତାରିଖରୁ ଲାଗିଥିବା କଟକଣା ପାଇଁ ସମଗ୍ର ଦେଶରେ ସମସ୍ତ ପର୍ବପର୍ବାଣୀ ଓ ଦେବାଦେବୀଙ୍କ ପୂଜା କେବଳ ବିଧିରକ୍ଷାରେ ହେଉଥିଲା। ବିଶେଷ କରି ବାସନ୍ତୀ ପୂଜା, ଚନ୍ଦନଯାତ୍ରା ଏମିତିକି ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୂର୍ଗା, ଲକ୍ଷ୍ମୀ ଓ କାଳିପୂଜା ପ୍ରଭୃତି ସାମାଜିକ ଦୂରତା ରକ୍ଷା ପାଇଁ ଫିକା ପଡ଼ିଯାଇଥିଲା । ଏମିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତା ଗଣେଶଙ୍କୁ ସାମୂହିକ ପୂଜା ପାଇଁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇ ନଥିଲେ। ମାତ୍ର ଜାନୁଆରୀ ମାସରେ କରୋନା ସଂକ୍ରମଣ ନିମ୍ନରେ ପହଞ୍ଚିବା ସାଙ୍ଗକୁ କୋଭିଡ ଟିକା ପ୍ରଦାନ ଓ ଫେବୃୟାରୀ ମାସରେ ଜାରି ମାର୍ଗଅଦର୍ଶିକାରେ ସରକାର ବହୁମାତ୍ରାରେ କଟକଣା କୋହଳ କରିଛନ୍ତି। ଏହିକ୍ରମରେ ଆସନ୍ତା ସରସ୍ୱତୀ ପୂଜା ଆଡ଼ମ୍ବରପୂର୍ଣ୍ଣ ହେବ ବୋଲି ସବୁ ମହଲରେ ଆଶା କରାଯାଉଥିଲା। ମାତ୍ର ଏବେ ବି ସାଧାରଣରେ କରୋନା ଭୟ ଯାଇ ନଥିବା ଲକ୍ଷ୍ୟ କରାଯାଇଛି। ପୂର୍ବବର୍ଷ ତୁଳନାରେ ସହରର କାଁ ଭାଁ କେତେଗୋଟି ସ୍ଥାନରେ ଗଢ଼ା ଚାଲିଛି ସରସ୍ୱତୀଙ୍କ ଆକର୍ଷଣୀୟ ମୂର୍ତ୍ତି। ସବୁଠି ଖାଲି ବିଧିରକ୍ଷା ପାଇଁ ଚାଲିଛି ପ୍ରସ୍ତୁତି। ତେବେ କରୋନା କାଳରେ ସମସ୍ତଙ୍କ ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇଥିବାରୁ ସୀମିତ ଖର୍ଚ୍ଚରେ ପୂଜା କରିବାକୁ ଉଦ୍ୟମ ହେଉଥିବା କେତେକ ସାର୍ବଜନୀନ କମିଟି ପ୍ରକାଶ କରିଛନ୍ତି। ସେଥିପାଇଁ ଅନ୍ୟାନ୍ୟ ସାଜସଜ୍ଜା ଅପେକ୍ଷା ସୁନ୍ଦର ମୂର୍ତ୍ତି ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ବିଭିନ୍ନ କ୍ଲବର ସଦସ୍ୟମାନେ କହିଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ଦିନ ପରେ କାମ ମିଳିଥିବାରୁ ମୂର୍ତ୍ତିକାରମାନେ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବରୁ ଗଣେଶ ଓ ସରସ୍ୱତୀ ପୂଜାରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ହେଉଥିବା ବେଳେ ଗତ ଗଣେଶ ପୂଜାରେ କେଇଖଣ୍ଡ ଛାଞ୍ଚମୂର୍ତ୍ତି ବିକ୍ରି କରିବାରେ ସେ ସକ୍ଷମ ହୋଇଥିଲେ । କରୋନା କଟକଣା ହ୍ରାସ ପାଇଥିଲେ ବି ସରସ୍ୱତୀ ପୂଜା ପାଇଁ ସାଧାରଣରେ ସେତେଟା ଆଗ୍ରହ ନାହିଁ ବୋଲି ଜନୈକ ଶିଳ୍ପୀ ସୂଚନା ଦେଇଛନ୍ତି । ତେବେ ଆଗକୁ ଅନ୍ୟାନ୍ୟ ପର୍ବପର୍ବାଣୀ ମଧ୍ୟ ଲୋକେ ବିନା କଟକଣାରେ ପାଳିବେ ବୋଲି ସମସ୍ତଙ୍କ ଆଶା ରହିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପଶ୍ଚିମ ଓଡିଶାର ୫ଟି ....

ପ୍ରଥମ କିସ୍ତିରେ ୪୦ଲକ୍ଷ ଚାଷୀଙ୍କ ତାଲିକା ଅର୍ଥ ଦେଇଥିବା ବେଳେ ଏହା ଏବେ କମି ୧୦ ଲକ୍ଷରେ ପହଂଚିଛି । ଏବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ୍ୟ ଓଡିଶାରେ ଅଦ୍ୟାବଧି ଅର୍ଦ୍ଧାଧିକ ଜିଲ୍ଲାରେ ଧାନମଣ୍ଡି ଖୋଲିନାହିଁ ବୋଲି ଶ୍ରୀ ନାଏକ ଅଭିଯୋଗ କରିଛନ୍ତି । ରାଜ୍ୟସରକାରଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ରାଜ୍ୟ ବିଜେପି ପକ୍ଷରୁ ୬ଟି ସ୍ଥାନରେ ବିଶାଳ କୃଷକ ସମାବେଶ ଆୟୋଜନ ଏବଂ ରାଜ୍ୟବ୍ୟାପୀ ମଣ୍ଡି ଚାଲ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ବିଗତ ଦିନରେ ୪୮ ଘଂଟା ଧରି ପଶ୍ଚିମ ଓଡିଶାରେ ରାଜପଥ ଅବରୋଧ କରାଯାଇଥିଲା ଏବଂ ପରେ ୮ ଦିନ ଧରି କୁଚିଣ୍ଡା ଠାରେ ଚାଷୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ୨୧ ତାରିଖ ଦିନ ସମ୍ବଲପୁର ଆରଡିସି ଅଫିସ ଠାରେ ବ୍ୟାପକ ଆନ୍ଦୋଳନ ହେବା ସତ୍ତ୍ୱେ ରାଜ୍ୟ ସରକାର ଚାଷୀଙ୍କ ଧାନ ନକିଣିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଶ୍ରୀ ନାଏକ କହିଛନ୍ତି । ଏହି ପ୍ରତିବାଦରେ ଭବାନୀପାଟଣାଠାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଲୋଇସିଂହାରେ ବିଧାୟକ ମୁକେଶ ମହାଲିଙ୍ଗ, ସମ୍ବଲପୁର ଠାରେ ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରିଶ ପଟେଲ, ଧନକୋହଡା ଠାରେ ବିଧାୟକ ନାଉରୀ ନାଏକ, ଦେବଗଡ ଠାରେ ବିଧାୟକ ସୁବାସ ପାଣିଗ୍ରାହୀ, ସୁନ୍ଦରଗଡ ଜିଲ୍ଲାରେ ବିଧାୟିକା କୁସୁମ ଟେଟେ ଓ ଭବାନୀ ଭୋଇ, ବେଦବ୍ୟାସ ଠାରେ ବିଧାୟକ ଶଙ୍କର ଓରାମ, ଜମନକିରା ଠାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ପଦମପୁର ଠାରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, କଂଟାବାଜିରେ ଶିବାଜୀ ମହାନ୍ତି ଓ ଲକ୍ଷ୍ମଣବାଗ, ଅୟାବନାଠାରେ ଯୁବମୋର୍ଚ୍ଚା ରାଜ୍ୟ ସଭପାତି ଇରାସୀସ ଆଚାର୍ଯ୍ୟ, ବରଗଡ ଠାରେ ଅଶ୍ୱିନୀ ଷଡଙ୍ଗୀ, ସୋନପୁରରେ ପ୍ରମୋଦ ମହାପାତ୍ର, ନୂଆପ

ରବିବାର, ୧୪ ଫେବୃୟାରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଶାରଳା ପୁରସ୍କାର ପ୍ରାପ୍ତ ଛଉ ଓ ଝୁମର ବିଷାରଦ ସ୍ୱର୍ଗତ ଗିରିଶ ଚନ୍ଦ୍ର ମହାନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନେଇ ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନର ବୈଠକ

ବାରିପଦା,୧୩।୦୨ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନର ସାଧାରଣ ବୈଠକ ଗତ ୯ ତାରିଖ ଦିନ ଅପରାହ୍ନ ୩ ଘଟିକା ସମୟରେ ଛଉ ଭବନ ପରିସରରେ ସହକାରୀ ଜିଲ୍ଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ଶାରଳା ପୁରଷ୍କାର ପ୍ରାପ୍ତ ସ୍ୱର୍ଗତ ଗିରିଶ ଚନ୍ଦ୍ର ମହାନ୍ତଙ୍କ ଜନ୍ମଦିନ ମାର୍ଚ୍ଚ ୧୦ ତାରିଖ ଦିନ ଛଉ ଭବନ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିପରେ କମିଟିରେ ଆସନ୍ତା ୩ ବର୍ଷ ପାଇଁ ସ୍ୱସମ୍ମତି କ୍ରମେ ନୂତନ କମିଟି ଚୟନ କରାଯାଇଥିଲା। କମିଟିର ସଭାପତି ଉପଜିଲ୍ଲାପାଳ ଧର୍ମାନନ୍ଦ ବେହେରା,ଉପସଭାପତି ଦ୍ୱାରିକା ନାଥ ମହାନ୍ତ, ସଂପାଦକ ଦୁଷ୍ମନ୍ତ ବସା, ଯୁଗ୍ମ ସଂପାଦକ ଜୀବନ ପାତ୍ର, ଯୁଗ୍ମ ସଂପାଦକ ସୃଷ୍ଟିଧର ମହାନ୍ତ, କୋଷାଧ୍ୟକ୍ଷ ପୂର୍ଣଚନ୍ଦ୍ର ମହାନ୍ତ, କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ସିଂ ମହାନ୍ତ, ବିଭୂତି ଭୂଷଣ ମହାନ୍ତ, ଗତିକୃଷ୍ଣ ମହାନ୍ତ, ଜାମୀର ଦାସ ବୁରୁଲୀ, ରାଜକାପୁର ମହାନ୍ତ, ଧୀରେନ ମହାନ୍ତ, ଛତିଶ ମହାନ୍ତ, ଛୁଟୁ ଘୁନିଆଁ, ଦିଲୀପ ମହାକୁଡ, ଦେବ କୁମାର କାଳନ୍ଦୀ, ମାତୁରାମ ମାଝୀ, ଉପଦେଷ୍ଟା ଅରବିନ୍ଦ ବାଗାଡିଆ, ରବୀନ୍ଦ୍ର ମହାନ୍ତ, ବିଜୟ କୁମାର ରାମ, ସୁନିଲ ମହାନ୍ତ, ବିଘ୍ନେଶ୍ୱର ପାତ୍ର ମନୋନିତ ହୋଇଥିଲା। ଶୁକ୍ରବାର ଦିନ ନୂତନ କମିଟିର କର୍ମକର୍ତ୍ତାବୃନ୍ଦ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ କରି ଆଗାମି ଦିନରେ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିଥିଲେ। ପ୍ରତିମୂର୍ତ୍ତି ସ୍ଥାପନର କାର୍ଯ୍ୟକ୍ରମକୁ ସଂପାଦନ କରିବା ପାଇଁ ସଭାପତିଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନେବାପାଇଁ ଆଲୋଚନା କରାଯାଇଥିଲା।

ପୋଖରୀ ଖୋଳାକୁ ନେଇ ଉତ୍ତେଜନା

ନୀଳଗିରି,୧୩।୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧୀନ କେ.ସି.ପୁର ପଞ୍ଚାୟତରେ ଘଟିଛି ଅଭାବନୀୟ ଘଟଣା । ତରତରୀ ଅଞ୍ଚଳରେ ବୁଦୁନି ମାରାଣ୍ଡି ଘର କରି ରହିଛନ୍ତି । ବହୁ ସରକାରୀ ଜାଗା ଜବର ଦଖଲ କରି ରହିଥିବାରୁ ଏହି ସ୍ଥାନରେ ପୋଖରି ଖୋଳିବାକୁ ଅସୁବିଧା ହେଉଥିବା ନେଇ ପୂର୍ବରୁ ଝଗଡ଼ା ହୋଇଥିଲା । ପରେ ଘଟଣାକୁ ନେଇ ବରହମପୁର ଥାନାରେ ଅଭିଯୋଗ ହୋଇଥିଲା । ଆଜି ପୁଣି ଘଟଣା ଉଗ୍ର ରୂପ ନେଇଛି । କିଛି ଗ୍ରାମବାସୀ ଜବରଦଖଲ ହଟାଇବାକୁ କହିବା ପରେ କଥା କଟାକଟି ହୋଇଥିଲା । ଏହା ପରେ ବୁଦୁନି ମାରାଣ୍ଡିଙ୍କ ବାଡ଼ ଉଠାଇ ପୋଡ଼ି ଦେବା ସହ କିଛି ଗଛ କାଟିଥିବା ଅଭିଯୋଗ ହୋଇଛି । ଏପରି କି ତାଙ୍କୁ ମାଡ଼ ମାରିଥିବା ମଧ୍ୟ ଅଭିଯୋଗ ହୋଇଛି । ବୁଦୁନି ଆହତ ହୋଇ ବରହମପୁର ହସ୍‌ପିଟାଲରେ ଭର୍ତ୍ତି ହେବା ସହ ଘଟଣାକୁ ନେଇ ବରହମପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି ।

ଫେବୃଆରୀ ୧୫ ଓଡିଶା ବନ୍ଦ ପୂର୍ବରୁ କଂଗ୍ରେସ ପକ୍ଷରୁ ବାଇକ୍ ରାଲି

ଜଳେଶ୍ୱର, ୧୩/୨ (ନିପ୍ର) : ବିଭିନ୍ନ ଦାବି ଦେଇ ଓଡିଶା କଂଗ୍ରେସ ଡାକରାରେ ଓଡିଶା ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆଜି ସଂଧ୍ୟାରେ ଜଳେଶ୍ୱର ସହରରେ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇ ଯାଇଛି। ଲକ୍ଷ୍ମୀଧର ଗିରି, ଗିରିଜା ଦାସ, ଗତିକୃଷ୍ଣ ଦଳେଇ, କମଳେନ୍ଦୁ ଭୂୟାଁ, ଜଗଦିଶ ନନ୍ଦୀ, ରଂଗପତ ଗିରି, ସୁଶାନ୍ତ ସେଠୀ, ସୁଦାମ ପାତ୍ର, ରାଜୀବ ପରିଡା, ଶ୍ରୀକାନ୍ତ ସିଂ, କମଳଲୋଚନ ସିଂ, ସୁଦର୍ଶନ ଦତ୍ତ, ଗୌରାଙ୍ଗ ମହାପାତ୍ର ପ୍ରମୁଖ ବହୁ କର୍ମୀ ଏହି ବାଇକ୍ ଶୋଭାଯାତ୍ରାରେ ସାମିଲ ଥିଲେ ।

ମାନବିକତା ଦେଖାଇଲା ହେଲ୍ପ ଫର ୟୁ ଫାଉଣ୍ଡେସନ

ଜଳେଶ୍ୱର, ୧୩/୨ (ନିପ୍ର) : ଜଳେଶ୍ୱର ଅଂଚଳରେ ବୁଲୁଥିବା ଏକ ବୁଲା ଷଣ୍ଢକୁ ଚିକିତ୍ସା କରି ହେଲ୍ପ ଫର ୟୁ ଫାଉଣ୍ଡେସନ ସଭ୍ୟମାନେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଷଣ୍ଢଟିର କାନ ପାଖରେ ବଡ କ୍ଷତି ହୋଇ ପଚି ପୋକ ସାଲୁବାଲୁ ହୋଇଥିଲା । ପଶୁଟିର ଏପରି ଅବସ୍ଥା ଦେଖି ଫାଉଣ୍ଡେସନର ସଭାପତି ମାନସ ରଂଜନ ଧଳ ଜଳେଶ୍ୱର ବିଭିଏମ୍ ସୁନିଲ କୁମାର ଭୂୟାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାଣିଚିକିତ୍ସକ ଚନ୍ଦ୍ରମୋହନ ହାଁସଦା, ସାର୍ଥକ ଘୋଷ ସହାୟତାରେ ଫାଉଣ୍ଡେସନର ସଭ୍ୟ ପ୍ରଶାନ୍ତ କୁମାର ବେହେରା, ବିଶ୍ୱଜିତ୍ କରଣ, ରଂଜନ ଜେନା, ହରିଚନ୍ଦନ ଦେ, ପ୍ରଦୀପ ପାତ୍ର, ତପନ ଦେ, ମହାପ୍ରସାଦ ପାତ୍ର, ମନୋଜ ଜେନା, ଦେବୀଦାସ ପଣ୍ଡା, ଅରବିନ୍ଦ ସାହୁ, ସମାଜସେବୀ ହରିଶଂକର ପଣ୍ଡା, ପ୍ରଦୀପ ପାତ୍ର ପ୍ରମୁଖ ଏହି କାର୍ଯ୍ୟରେ ସହାୟତା କରିଥିଲେ ।

କୃଷି ଆଇନ ବିରୋଧୀ ଆନ୍ଦୋଳନକୁ ବ୍ୟାପକ କରିବା ନିଷ୍ପତ୍ତି

ବାଲେଶ୍ୱରରେ ୧୪ରେ ମାଶାଲ ଯାତ୍ରା ଓ ୧୮ରେ ରେଳରୋକ

ବାଲେଶ୍ୱର,୧୩।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବି ଆନ୍ଦୋଳନକୁ ସମର୍ଥନ ଦେଇ ଏହାକୁ ଜିଲାସ୍ତରରେ ବ୍ୟାପକ କରିବାକୁ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଚରମ ନିଷ୍ପତି ନିଆଯାଇଛି। ଏନେଇ ଆସନ୍ତା ୧୪ ତାରିଖ ଜିଲାବ୍ୟାପୀ ମଶାଲ ଶୋଭାଯାତ୍ରା ଏବଂ ୧୮ ତାରିଖ ଦିନ ରେଳରୋକ ଆନ୍ଦୋଳନ ପାଇଁ ସଂଘର୍ଷ ସମିତି ସମେତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆୟୋଜିତ ମିଳିତ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସିପିଆଇ ଜିଲା ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବର୍ଷିୟାନ ବାମପନ୍ଥୀ କୃଷକ ନେତା କୈଳାସ ଚନ୍ଦ୍ର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଜିଲା ସଂପାଦକ ନିରଞ୍ଜନ ବାରିକ ଓ ସହସଂପାଦକ ଭାଗବତ ପ୍ରତିହାରୀ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ କେବଳ ଚାଷୀର କ୍ଷତି କରୁନାହିଁ ବରଂ ଏହି ଆଇନ ଫଳରେ ଦେଶର ସମସ୍ତ ଖାଉଟି ଭୟାବହ ସ୍ଥିତି ସାମ୍ନା କରିବେ ବୋଲି କହିଥିଲେ। ଜନକଲ୍ୟାଣ ପାଇଁ ଏହି ଆନ୍ଦୋଳନରେ ଯୋଗଦେଇ ଦେଶର କୃଷି ଓ କୃଷକକୁ ସୁରକ୍ଷା ଦେବାରୁ ପାର୍ଟି ତରଫରୁ ଆହ୍ୱାନ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନାମ ପ୍ରସାଦ ବାରିକ, ମାୟାଧର ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ମନୋରଂଜନ ରାଉତ, ସନ୍ତୋଷ ବିଶ୍ୱାଳ, ପ୍ରଭାବତୀ ଦାସ, ଜତିନ୍ ପାତ୍ର, ବିଜୟ ସ, ଦେବେନ୍ଦ୍ର ଜେନା, ତପନ ସିଟ୍, ନନ୍ଦକିଶୋର ମହାଳିକ, ପ୍ରତାପ ମହାନ୍ତି, ନିହାର ଜେନା ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଏହି ବୈଠକରେ ଯୋଗଦେଇ କୃଷି ଆଇନର ବିଭିନ୍ନ ଦିଗ ଓ ସାମ୍ପ୍ରତିକ ଧାନର ଅଭାବୀ ବିକ୍ରି, ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିରେ ଜିଲାବ୍ୟାପୀ ଆନ୍ଦୋଳନ ଜାରି ରଖିବାକୁ ପ୍ରସ୍ତାବ ଦେଇଥିଲେ। କୋଟିଆ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶ ନିଜ ଅଧିନକୁ ନେଇ ପଞ୍ଚାୟତ ନିର୍ବାଚନ କରିବା ପ୍ରସଙ୍ଗକରେ ରାଜ୍ୟ ସରକାରଙ୍କ ଅପାରଗତାକୁ ଏହି ବୈଠକରେ ତୀବ୍ର ସମାଲୋଚନା କରାଯାଇଥିଲା। ୧୯୩୬ ମସିହାରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନଠାରୁ ଏହି ଅଞ୍ଚଳ ଓଡ଼ିଶାରେ ଥିବା ବେଳେ ଏବେ ଆନ୍ଧ୍ର ଅଧୀନକୁ ଚାଲିଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ ପାଇଁ ବୈଠକରେ ଦାବି କରାଯାଇଥିଲା। ବନ୍ଦନା ବିଶ୍ୱାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତି ଦିବସ

ଉଦଳା ତା-୧୩/୦୨ (ନି.ପ୍ର)- ଦେଶପ୍ରାଣ ରାଷ୍ଟ୍ରନୀତିଜ୍ଞ, ନିସ୍ୱାର୍ଥପର ସମାଜ ସେବକ, ମହାନ ଦାର୍ଶନିକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତି ଦିବସ (ଫେବୃଆରି - ୧୧ ତାରିଖ) କୁ ଭାରତୀୟ ଜନତାପାର୍ଟି ତରଫରୁ ସମଗ୍ର ଭାରତ ବର୍ଷରେ ସମର୍ପଣ ଦିବସ ରୂପେ ପାଳନ କରାଯାଉଅଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟିର ଉଦଳା ଶାଖା ତରଫରୁ ମଧ୍ୟ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସମର୍ପଣ ଦିବସ ପାଳିତ ହୋଇ ଯାଇଛି । ପ୍ରଥମେ ପାର୍ଟିର ସଦସ୍ୟ ମାନେ କାର୍ଯ୍ୟାଳୟରେ ପହଞ୍ଚି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ପରେ ସମସ୍ତେ ଏକସ୍ୱରରେ 'ବନ୍ଦେ ମାତରଂ...' ଗାନ କରିଥିଲେ । ଏହାପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ଅଧକ୍ଷତା କରିବା ସହ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘରେ ଜଣେ ପୂର୍ଣ୍ଣ କାଳୀନ ପ୍ରଚାରକ ଭାବରେ ନିଜକୁ ଦେଶ ସେବାରେ ପଣ୍ଡିତ ଦୀନଦୟାଲ କିପରି ନିୟୋଜିତ କରିଥିଲେ, ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ପଣ୍ଡା ପଣ୍ଡିତ ଦୀନଦୟାଲ ଦୈନିକ ପତ୍ରୀକା 'ରାଷ୍ଟ୍ରଧର୍ମ' , ସାପ୍ତାହିକ ପତ୍ରୀକା 'ପଞ୍ଚଜନ୍ୟ' ଏବଂ ମାସିକ ପତ୍ରୀକା 'ସ୍ୱଦେଶ' ସମ୍ପାଦନା କରି ଦେଶବାସୀଙ୍କ ମଧ୍ୟରେ କିପରି ବିପ୍ଳବର ବହ୍ନି ଜାଳିଦେଇଥିଲେ ସେ ବିଷୟରେ ବର୍ଣ୍ଣନା କରିଥିଲେ ।

କଲେଜ ଫିସ୍ ବୃଦ୍ଧି ନେଇ କଲେଜ ଗେଟ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ

ନୀଳଗିରି,୧୩।୦୨ (ନି.ପ୍ର): କଲେଜ ଫିସ ବୃଦ୍ଧିକୁ ପ୍ରତ୍ୟାହାର ଦାବୀ ନେଇ ପଞ୍ଚଲିଙ୍ଗେଶ୍ୱର +୨ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୁଖ୍ୟ ଫାଟକ ରେ ତାଲା ପକାଇ ଦୀର୍ଘ ସମୟ ଆନ୍ଦୋଳନ ଜାରି ରଖିଥିଲେ । ତତ୍‌ସହିତ ଉକ୍ତ କଲେଜର ଇଂରାଜୀ ଅଧ୍ୟାପକ ସରୋକ କୁମାର ପଣ୍ଡାଙ୍କ ମନମୁଖୀ କାର୍ଯ୍ୟ ଓ ବିଶୃଙ୍ଖଳିତ ଆଚରଣ , କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ ପୃଥକ ପୃଥକ ଶୌଚାଳୟ ନିର୍ମାଣ, ଅଧ୍ୟାପକମାନେ ଅନୁପସ୍ଥିତ ରହିବା, କରୋନା ସମୟରେ କଲେଜ ବନ୍ଦ ଥିବା ବେଳେ ମାସିକ ଦେୟ ଆଦାୟ କରିବାକୁ ବିରୋଧ କରି ଛାତ୍ରଛାତ୍ରୀମାନେ କଲେଜ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ । ଘଟଣାସ୍ଥଳରେ କଲେଜ ଅଧକ୍ଷ ପହଞ୍ଚି ସମସ୍ତ ଦାବୀ ଉପରେ କଲେଜ ପରିଚାଳନା କମିଟି କୁ ଜଣାଇ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ପରେ କଲେଜ ଗେଟ୍‌ର ତାଲା ଖୋଲା ଯାଇଥିଲା ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୨,୧୪୩ ନୂଆ ମାମଲା

ନୂଆଦିଲ୍ଲୀ,୧୩।୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୨,୧୪୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୦୩ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୮,୯୨,୭୪୬ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୩୬,୫୭୧ ଥିବା ବେଳେ ବର୍ତମାନ ସୁଦ୍ଧା ୧,୫୫,୫୫୦ ଜଣ ମୃତ୍ୟୁ ବରଣ କରିଛନ୍ତି ।

ବାଲିଆପାଳରେ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

ବାଲିଆପାଳ,୧୩।୦୨ (ନି.ପ୍ର): ବାଲିଆପାଳରେ ଆଦର୍ଶ ବିଦ୍ୟାଳୟର ସିଳାନ୍ୟାସ ଆଜି ଏହି ବ୍ଲକ ଅଧିନସ୍ଥ ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଅନୁଷ୍ଠିତ ହହୋଇଯାଇଛି ।ବିଧାୟକ ନିତ୍ୟାନନ୍ଦ ସାହୁ ଆଜି ଅପରାହ୍ନରେ ଏହାର ଶିଳାନ୍ୟାସ କରିଛନ୍ତି । ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଳରାମପୁରପଞ୍ଚାୟତ ବିଜେଡି ସଭାପତି ନିତ୍ୟାନନ୍ଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକଙ୍କ ସମେତତ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ, ସସରପଞ୍ଚଙ୍କ ପ୍ରତିନିଧି ଅଶୋକ ବେରା,ବିଜେଡି ବ୍ଲକ ସସଭବାପତତି ଗୋବିନ୍ଦ ଚନ୍ଦ୍ର ଦାସ, ବିଜେଡି ନେତତା ।ବେଣୁଧର ଜେନା, ବିମଳ ସାହୁ, ଅଶ୍ୱିନୀ ଜେନା ।ଗ୍ରାମ୍ୟଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁନୀଲ ଜେନା ପ୍ରମୁଖ ଯୋଗଦେଇଥିଲୋବିଧାୟକ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଏହି ବିଦ୍ୟାଳୟ ଗ୍ରାମାଞ୍ଚଳର ମେଧାବୀ ଚାତ୍ର ଛାତ୍ରୀଙ୍କର ଇଂରାଜୀସିକ୍ଷାର ଅଭାବ ପୂରଣ କରିପାରିବ ବୋଲି କହିଥିଲେ । ଚାରିକୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁଥିବା ଏହି ବିଦ୍ୟାଳୟ କାର୍ଯ୍ୟ ଆସନ୍ତା ୧୫ମାସ ଭିତତରେ ଶେଷ ହେବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି- ।ସୂଚନା ଯୋଗ୍ୟଯେ ସ୍ଥାନ ନିରୂପଣକୁ ନେଇ ଆଇନଗତ ବିବାଦ ଲାଗି ରହିଥିବାରୁ ଏହିହି- ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା । ଆଜିର ଏହିହି ଶିଳାନ୍ୟାସ ପରେ ସ୍ଥାନୀୟ ଅଞ୍ଚଳରେ କୁସିର ଲହହରୀ ଖେଳିଯାଇଛି ।

ନହଙ୍ଗ କଲେଜରେ ସଡକ ସୁରକ୍ଷା ସଚେତନତା

ଖଇରା,୧୩।୨(ନିପ୍ର) ଖଇରା ବ୍ଲକ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(+୨ କଲେଜ) ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ସଡକ ସୁରକ୍ଷା ମାସ ପାଳନ ଅବସରରେ ଶୋଭାଯାତ୍ରା କରି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଜାତୀୟ ସେବା ସଂସ୍ଥାର ପରିଚାଳିକା ଜ୍ୟୋତ୍ସ୍ନାବାଳା ଦାସ ଙ୍କ ନେତୃତ୍ୱରେ ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ନହଙ୍ଗ ଗ୍ରାମ ପରିକ୍ରମା କରି 'ସୁଡକ ସୁରକ୍ଷା ଜୀବନ ରକ୍ଷା', 'ହେଲମେଟ ପିନ୍ଧନ୍ତୁ,ସୁରକ୍ଷିତ ରୁହନ୍ତୁ' ଭଳି ସଚେତନତା ସ୍ଲୋଗାନ ଦେଇଥିଲେ । ୫୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ସୋର-କୁପାରୀ ରାସ୍ତାରେ ଯାଉଥିବା ଯାତ୍ରୀ ମାନଙ୍କୁ ବୁଝାଇଥିଲେ । ପରେ ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୁବ ରେଡକ୍ରସ ଦାୟିତ୍ୱରେ ଥିବା ଅଧ୍ୟାପିକା ଅଳକାନନ୍ଦା ସାହୁ, ବସନ୍ତ କୁମାର ସୁତାର, ଗାୟତ୍ରୀ ଦାସ, କସ୍ତୁରୀ କନିକା ଦାସ, ରମା ଦାସ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇ ସଡକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ ।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଧାମନଗର,୧୩।୦୨ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଂଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ପଞ୍ଚାୟତର କଷଟି, ବରଗଡ଼ା, ଅଜମତ୍‌ପୁର, ଖାରିଜକୋରୁଆ, କୋରୁଆ, ଗୋବିନ୍ଦପୁର ପ୍ରଭୃତି ସ୍ଥାନରେ ନବନିର୍ମିତ ମିଶନ୍ ଶକ୍ତି ଗୃହ, ଅଙ୍ଗନୱାଡ଼ି ଗୃହ, ଆମଗାଁ ଆମ ବିକାଶ ଗୃହ, ପିଇଓ କ୍ୱାଟର ଆଦିକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଯୁବନେତା ଶ୍ରୀକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଂଚ ଜୟନ୍ତୀ ନାୟକ, ସମିତି ସଭ୍ୟ ସ୍ମୃତିରଂଜନ ପଣ୍ଡା, ପୂର୍ବତନ ସରପଂଚ ଦୟାନିଧି ଲେଙ୍କା ପ୍ରମୁଖ ସମ୍ମାନୀତ ଅତିଥିରୂପେ ଉପସ୍ଥିତ ଥିଲେ। ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟକ ବିଷ୍ଣୁଙ୍କୁ ସ୍ୱାଗତ କରାଯାଇ ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ପ୍ରଶାନ୍ତ ନାୟକ, ସୁବ୍ରତ ବିଶ୍ୱାଳ, ଶୁଭଙ୍କର ନାୟକ, କୈଳାଶ ମଲ୍ଲିକ, ପ୍ରଦୀପ ନାୟକ, ରତ୍ନାକାର ନାୟକ, ଫକୀରମୋହନ ଜେନା, ଦୋଳଗୋବିନ୍ଦ ନାୟକ, ସତ୍ୟବାନ ଜେନା ପ୍ରମୁଖ ଯୋଗଦେଇଥିଲେ।

ସଂଗ୍ରାମୀ ଟିଲକା ମାଝୀଙ୍କ ଜୟନ୍ତୀ

ନୀଳଗିରି,୧୩।୦୨ (ନି.ପ୍ର): ସଂଗ୍ରାମୀ ବାବା ଟିଲକା ମାଝୀଙ୍କ ଜୟନ୍ତୀ ଉତ୍ସବ ଟିଲକା ବୁରୁ ଦିଶମ୍ ଆଖାଳା